



# ୨୧

# ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ

ଆମର ସ୍ୱତନ୍ତ୍ରତା ଆନ୍ଦୋଳନର ଇତିହାସ କୌଣସି ଏକ ନିର୍ଦ୍ଦିଷ୍ଟ ସମଭଙ୍ଗୀ କାହାଣୀ ନୁହେଁ। ଏଥିରେ ଅନେକ ଭିନ୍ନ ଭିନ୍ନ ପ୍ରକାରର ସୂତ୍ର ରହିଛି ଯାହା ପରସ୍ପର ମଧ୍ୟରେ ଗୁନ୍ଥା ହୋଇଛି ଏବଂ ସେମାନେ ପରସ୍ପରକୁ ପ୍ରଭାବିତ କରୁଛନ୍ତି ତଥା ସ୍ୱତନ୍ତ୍ରତା ପାଇଁ ଆମ ଲୋକମାନଙ୍କର ସଂଘର୍ଷର ପରଦାକୁ ଖୋଲି ଥା'ନ୍ତି। ନରମପନ୍ଥୀମାନଙ୍କର ପ୍ରୟାସରେ ଆଇନ ଏବଂ ସାମ୍ବିଧାନୀକ ପରିବର୍ତ୍ତନ ହେଲା। କ୍ରାନ୍ତିକାରୀମାନଙ୍କର ସଂଘର୍ଷର ପରିଣାମ ସ୍ୱରୂପ ଦୁଃସାହସୀ ଏବଂ ଅଟଳ ସଂଘର୍ଷର ଘଟଣାମାନ ଘଟିଲା। ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଜନ ଆନ୍ଦୋଳନ ଉପରେ ଜନତାର ପ୍ରତ୍ୟେକ ବର୍ଗର ଆହୁରି ବ୍ୟାପକ ପ୍ରତିକ୍ରିୟା ହେଲା। ପ୍ରତ୍ୟେକ ଆନ୍ଦୋଳନ ଗୋଟିଏ ଅନ୍ୟକୁ ସମର୍ଥନ ଦେଲା ଏବଂ ଏହାର ପ୍ରତିକ୍ରିୟା ସ୍ୱରୂପ ଆମକୁ ସ୍ୱତନ୍ତ୍ରତା ମିଳିଲା। ଏହି ଅଧ୍ୟାୟରେ ଆମେ ଏହାର ବିଭିନ୍ନ ଆନ୍ଦୋଳନ ସମ୍ବନ୍ଧରେ ପଢ଼ିବୁ ତଥା ଏହା ଦେଖିବୁ କେମିତି ଗୋଟିଏ ଆନ୍ଦୋଳନ ଅନ୍ୟଟି ଉପରେ ପ୍ରଭାବ ପକାଇଲା ଏବଂ ସମସ୍ତଙ୍କର ସର୍ବ ନିମ୍ନ ଲକ୍ଷ୍ୟ ସ୍ୱତନ୍ତ୍ରତା ଲାଭ କରିବା ପାଇଁ ଆହୁରି ଆଗକୁ ନେଇଗଲା।

## ଉଦ୍ଦେଶ୍ୟ

ଏହି ପାଠର ପାଠନ କରିବା ପଶ୍ଚାତ ତୁମେ :

- ଭାରତର ସ୍ୱତନ୍ତ୍ରତା ଆନ୍ଦୋଳନ ସମ୍ବନ୍ଧରେ ଏକ ସାମଗ୍ରିକ ଦୃଷ୍ଟିକୋଣ ବିକଶିତ କରି ପାରିବ।
- ଆନ୍ଦୋଳନର ବିଭିନ୍ନ ଖିଅକୁ ଚିହ୍ନି ସେଗୁଡ଼ିକୁ କ୍ରମିକ ଭାବେ ବ୍ୟବସ୍ଥିତ କରିପାରିବ।
- ଏହା ଦେଖି ପାରିବ କି ଜାତୀୟ ଆନ୍ଦୋଳନର ପ୍ରତ୍ୟେକ ବର୍ଗ କେମିତି ପରସ୍ପରକୁ ପ୍ରଭାବିତ କଲେ।

## ୨୧.୧ ଭାରତୀୟ ଜାତୀୟ କଂଗ୍ରେସ ତଥା ପ୍ରାରମ୍ଭିକ ରାଷ୍ଟ୍ରବାଦୀ

ଭାରତୀୟ ଜାତୀୟ କଂଗ୍ରେସର ଗଠନ ୧୮୮୫ରେ ରାଜନୈତିକ ଦୃଷ୍ଟିରୁ ୭୨ ଭାରତୀୟ ଶିକ୍ଷିତ ଜାଗ୍ରତ ସମୁଦାୟଙ୍କ ଦ୍ୱାରା ଗଠନ କରାଗଲା। ବ୍ରିଟିଶ ଇଣ୍ଡିଆନ ସିଭଲ ସର୍ଭିସରୁ ସେବା ନିବୃତ୍ତ ଅଧିକାରୀ ମିଷ୍ଟର ଏ.ଓ. ହ୍ୟୁମ୍ ଏହାର ଗଠନରେ ବହୁତ ମହତ୍ୱପୂର୍ଣ୍ଣ ଭୂମିକା ଲିଭାଇଥିଲେ। ଏହାର ସଦସ୍ୟମାନଙ୍କ ମଧ୍ୟରେ ସାମିଲ ଥିଲେ ଫିରୋଜସାହ ମେହେଟ୍ଟା, ବଦରୁଦ୍ଦୀନ ତୟାବଜୀ, ଡବଲ୍ୟୁ.ସି.ବାନର୍ଜୀ, ସୁରେନ୍ଦ୍ରନାଥ ବାନାର୍ଜୀ, ଆନନ୍ଦ ମୋହନ ବୋଷ

ଏବଂ ରମେଶ ଚନ୍ଦ୍ର ଦତ୍ତ । ଏହି ସଂଗଠନ କୌଣସି ପ୍ରକାର ଭାରତୀୟ ଲୋକମାନଙ୍କର ଏପରି ପ୍ରାରମ୍ଭିକ ସଂସ୍ଥା ନଥିଲା । ଭାରତରେ ଇଂରେଜୀ ପଢ଼ାଶୁଣା ବର୍ଗ ଧୀରେ ଧୀରେ ରାଜନୈତିକ ଦୃଷ୍ଟିରୁ ଜାଗ୍ରତ ହେଉଥିଲେ ଏବଂ ୧୮୭୫ରୁ ୧୮୮୫ ମଧ୍ୟରେ ଅନେକ ରାଜନୈତିକ ସଂଗଠନ ଗଠନ କରାଯାଇଥିଲା । କଲିକତାର ଦ୍ୱାରକାନାଥ ଗାଙ୍ଗୁଲୀ, ପୁନାର ରାଣାଦେ ଏବଂ ଜୀ.ବୀ.ଯୋଶୀ, ବମ୍ବେର କେ.ଟି.ତେଲଙ୍ଗ ଏବଂ ମାନ୍ଦ୍ରାଜର ଜୀ.ସୁବ୍ରମନ୍ୟମ ଆୟର ଓ ବୀରରାଘବଚାରୀ ପ୍ରଥମରୁ ଭାରତୀୟ ରାଜନୈତିକ ସଂଗଠନରେ ଯୋଡି ହୋଇଥିଲେ । ସେମାନଙ୍କର ସଂଗଠନଗୁଡିକର ନାମ ଯଥାକ୍ରମେ:ଇଣ୍ଡିଆନ ଏସୋସିଏସନ. ପୁନା ସାର୍ବଜନିକ ସଭା, ବମ୍ବେ ପ୍ରେସିଡେନସୀ ଏସୋସିଏସନ ଏବଂ ମାନ୍ଦ୍ରାଜ ମହାଜନ ସଭା ଥିଲା । ଏହି ସଂସ୍ଥାଗୁଡିକର କାର୍ଯ୍ୟସୂଚୀ ସମ୍ପୂର୍ଣ୍ଣ ସୀମିତ ଥିଲା ଏବଂ ପୂର୍ଣ୍ଣ ସ୍ୱରାଜର ଚିନ୍ତାଧାରାଠାରୁ ଅନେକ ଦୂରରେ ଥିଲେ । ଏହି ସଂସ୍ଥାଗୁଡିକ ଔପନିବେଶିକ ଶାସନର କାର୍ଯ୍ୟ ପ୍ରଣାଳୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ସେଗୁଡିକ ଭାରତୀୟମାନଙ୍କ ସ୍ୱାର୍ଥ ବିରୋଧୀ ହେଉଥିଲା । ଏହି ସଂସ୍ଥା ସମ୍ବନ୍ଧିତ ପ୍ରାରମ୍ଭିକ ରାଷ୍ଟ୍ରବାଦୀମାନଙ୍କର ମୂଳ ଉଦ୍ଦେଶ୍ୟଗୁଡିକ ନିମ୍ନରେ ପ୍ରଦତ୍ତ ହେଲା ।

୧. ତୁଳାର ଆମଦାନି ଶୁଳ୍କ ଭାରତୀୟମାନଙ୍କ ପାଇଁ ଅନୁକୂଳ ହେବା ।

୨. ସରକାରୀ ସେବାଗୁଡିକ ଭାରତୀୟକରଣ କରାହେବା ।

୩. ବ୍ରିଟିଶ ସରକାରଙ୍କର ଆଫଗାନ ନୀତିକୁ ବିରୋଧ ।

୪. ଭରନାକୁଲର ପ୍ରେସ ଆଇନ ଏବଂ ପ୍ରେସ ଉପରେ ନିୟନ୍ତ୍ରଣର ବିରୋଧ ।

ଯାହା ଭାରତୀୟ ଜାତୀୟ କଂଗ୍ରେସକୁ ଅନ୍ୟାନ୍ୟ ସଂଗଠନଠାରୁ ଭିନ୍ନ ବିବେଚିତ କରୁଥିଲା ତାହା ଥିଲା ଭାରତୀୟ ସାଧାରଣ ଲୋକମାନଙ୍କର ଏମିତି ଏକ ରାଜନୈତିକ ମଞ୍ଚ ଉପଲବ୍ଧ କରିବାର ପ୍ରୟାସ ଯେଉଁଠାରେ ଏହା ଦାବି କରିବାକୁ ଯୋଗ୍ୟ କରାଗଲା ଯେ ଏହା ଦେଶର ପ୍ରତିନିଧିତ୍ୱ କରେ ।

ଯଦିଚ ବ୍ରିଟିଶ ପ୍ରଶାସନ କଂଗ୍ରେସର ମହତ୍ତ୍ୱକୁ ନ୍ୟୁନ କରିବାକୁ ପ୍ରୟାସ କଲା, ଏହା ସତ୍ତ୍ୱେ ଏହା ଲୋକମାନଙ୍କର ମହତାକାଂକ୍ଷାକୁ ଦର୍ଶାଇବାରେ ସଫଳ ହେଲା । ଅତଏବ ଏହି ସଂଗଠନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ସର୍ବୋଚ୍ଚ ଲକ୍ଷ ଥିଲା ଲୋକମାନଙ୍କ ମନରେ ଜାଗରୁତା ସୃଷ୍ଟି କରିବା ଯେ ସେମାନେ ଏକ ରାଷ୍ଟ୍ର ସମ୍ବନ୍ଧିତ ଅଟନ୍ତି । ବିଷୟ ବହୁତ ଭୟାବହ ଥିଲା, କାରଣ ଥିଲା ଏ ମାଟିର ପ୍ରଚଳିତ ସାଂସ୍କୃତିକ, ଭାଷାଗତ ଏବଂ ଧାର୍ମିକ ପରମ୍ପରାର ବିବିଧତା । ସାଧାରଣ ପ୍ରତିପକ୍ଷ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ସମସ୍ତ ଭିନ୍ନ ଶକ୍ତିଗୁଡିକୁ ଏକଜୁଟ ହେବାର ଥିଲା ।

ସର୍ବ ପ୍ରଥମେ ଆଇ-ଏନ-ସିର ପ୍ରତିଷ୍ଠାତାମାନେ ଦେଶର କଲ୍ୟାଣ ବିଶେଷ ରୂପେ ଆର୍ଥିକ ଉତ୍‌ଥାନ ନିମିତ୍ତ ଔପନିବେଶିକ ସରକାରକୁ ପ୍ରଭାବିତ କରିବା ପାଇଁ ଆଶା ବାନ୍ଧି ଥିଲେ । ସେମାନେ ଆଶା କରୁଥିଲେ ଯେ ଯଦି ସମୁଚିତ ପ୍ରଚାର ମାଧ୍ୟମରେ ରାଷ୍ଟ୍ରର ସମସ୍ୟାମାନ ପ୍ରକାଶକୁ ଅଣାଯାଇପାରିବ ତାହେଲେ ଔପନିବେଶିକ ସରକାର ସେହି ସମସ୍ୟାଗୁଡିକ ସମାଧାନ ନିମିତ୍ତ ପଦକ୍ଷେପ ନେଇ ପାରିବେ । ଏପରି ପ୍ରାରମ୍ଭିକ ବର୍ଷମାନଙ୍କରେ ରାଷ୍ଟ୍ରବାଦୀମାନେ ଦେଶର ପ୍ରମୁଖ ସମସ୍ୟାଗୁଡିକ, ପତ୍ର ତଥା ଖବରକାଗଜ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କଲେ । ତଥାକଥିତ ନରମପନ୍ଥୀ ବା କଂଗ୍ରେସର ପ୍ରାରମ୍ଭିକ ସଦସ୍ୟମାନଙ୍କର ମୂଲ୍ୟବାନ



ଟିପ୍ପଣୀ

ଯୋଗଦାନ ଥିଲା- ଆର୍ଥିକ ସମୀକ୍ଷାର ସୂତ୍ରପାତ କରିବା। ସର୍ବ ପ୍ରଥମେ ଦାଦାଭାଇ ନାରୋରଜୀ ଏବଂ ତତ୍‌ପଶ୍ଚାତ୍ ଅନ୍ୟ ଜାତୀୟତାବାଦୀମାନେ ଏହା ଦେଖିଲେ ଯେ ଔଦ୍ୟୋଗିକ କ୍ରାନ୍ତି ଆଣିବା ପରିବର୍ତ୍ତେ, ଯାହା ଭାରତର ବୌଦ୍ଧିକ ବର୍ଗ ଆଶା କରୁଥିଲେ, ବ୍ରିଟିଶ ଶାସନ ଭାରତକୁ ଆହୁରି ନିର୍ଦ୍ଧନ କରୁଥିଲେ ଏବଂ ଭାରତର ସ୍ୱଦେଶୀ ହସ୍ତଶିଳ୍ପ ଉତ୍ପାଦନକୁ ନଷ୍ଟ କରୁଥିଲା । ଏହି ଅନ୍ୱେଷଣରୁ ରାଷ୍ଟ୍ରବାଦୀମାନଙ୍କର ମନରେ କେତେକ ଭ୍ରମ ସୃଷ୍ଟି କରିଥିଲା କାରଣ ସେମାନଙ୍କର ଏହା ଆଶା ଥିଲା କି ବ୍ରିଟିଶ ଶାସନର ପରିଣାମ ସ୍ୱରୂପ ଭାରତରେ ଆଧୁନିକତା ଆସିବ। ପ୍ରାରମ୍ଭିକ କଂଗ୍ରେସର ଅନ୍ୟ କାର୍ଯ୍ୟକ୍ରମମାନ ନିମ୍ନ ରୂପେ ଥିଲା।

(୧) ଭାରତୀୟ ପ୍ରତିନିଧିମାନଙ୍କୁ ଅଧିକାଧିକ କ୍ଷମତା ଦେବା ସହିତ ସର୍ବୋଚ୍ଚ ଏବଂ ସ୍ଥାନୀୟ ବିଧାନ ପରିଷଦରେ ସୁଧାର;

(୨) ଇଂଲଣ୍ଡ ଏବଂ ଭାରତରେ ସମାନାନ୍ତର ପରୀକ୍ଷା ମାଧ୍ୟମରେ ସିଭିଲ ସର୍ଭିସକୁ ଭାରତୀୟକରଣ କରିବା;

(୩) ଜଙ୍ଗଲ ସମ୍ବନ୍ଧିତ ଆଇନର ପରିବର୍ତ୍ତନ ଆଣିବା, ଯାହା ଭାରତୀୟମାନଙ୍କୁ ପ୍ରଭାବିତ କରୁଥିଲା;

(୪) ଆସାମ ଚା ବଗିଚାରେ ଅନୁବନ୍ଧିତ ଶ୍ରମିକମାନଙ୍କ ବିରୋଧରେ ସଂଗଠିତ ଅଭିଯାନ ଚଳାଇବା;

## ୨୧.୨ ସ୍ୱଦେଶୀ ଏବଂ ବହିଷ୍କାର: ଚରମପନ୍ଥୀ ରାଜନୀତି

୧୮୮୫-୧୯୦୫ ମଧ୍ୟ ସମୟକୁ ନରମପନ୍ଥୀମାନଙ୍କର ସମୟ କୁହା ଯାଉଥିଲା। ୧୯୦୫ରେ ତତ୍କାଳିନ ଗଭର୍ଣ୍ଣର ଜେନେରାଲ ଲର୍ଡ କର୍ଜନ ବଙ୍ଗଳାର ବିଭାଜନ ଘୋଷଣା କଲେ। ସେହି ସମୟରେ ବଙ୍ଗଳାରେ ବର୍ତ୍ତମାନ ପଶ୍ଚିମ ବଂଗଳା, ବିହାର ଝାଡଖଣ୍ଡ, ଓଡିଶା ଏବଂ ବିହାର ସାମିଲ ଥିଲା। ଏଥିରେ ବର୍ତ୍ତମାନ ବାଙ୍ଗଲାଦେଶ ମଧ୍ୟ ସାମିଲ ଥିଲା। ନିଃସନ୍ଦେହରେ ଏହା ଏକ ବିସ୍ତୃତ ପ୍ରଶାସନିକ କ୍ଷେତ୍ର ଥିଲା। ମାତ୍ର ଯେଭଳି ଭାବରେ ବିଭାଜନ ହେଲା ସେଥିରେ ବ୍ରିଟିଶ ଭେଦନୀତି ପରିଷ୍କାର ଭାବରେ ଦେଖାଯାଉଥିଲା। ପ୍ରଥମେ ଏହା ଧର୍ମଗତ ଦୃଷ୍ଟିରୁ ହିନ୍ଦୁ ବହୁଳ ଅଞ୍ଚଳ ମୁସଲମାନ ବହୁଳ ଅଞ୍ଚଳଠାରୁ ବିଭାଜିତ ହୋଇଥିଲା। ସର୍ବୋପରି ପୁନରୁଜ୍ଜୀବିତ ବୌଦ୍ଧିକ (ଇଂରେଜୀ ଶିକ୍ଷିତ ଉଚ୍ଚବର୍ଗ ଭାରତୀୟ) ବର୍ଗର ସହରି ଆଧାରିତ ସ୍ଥାନର ମୁଖ୍ୟତୟା କୃଷିକ୍ଷେତ୍ର ଅଞ୍ଚଳର(ମୁଖ୍ୟତଃ ପଟସନ (ଝୋଟ)ଚାଷ ହେଉଥିବା କ୍ଷେତ୍ର) ପୃଥକ କରାଗଲା, ଯାହା ପଛରେ ଉଦ୍ଦେଶ୍ୟ ଥିଲା କଲିକତାର ମହତ୍ୱକୁ ନ୍ୟୁନ କରିବା କାରଣ ଏଠାରେ ସମ୍ପୂର୍ଣ୍ଣ ବଙ୍ଗଳାରେ ବୌଦ୍ଧିକ ବର୍ଗର ଲୋକ ପରସ୍ପର ମଧ୍ୟରେ ମିଶିବାର ଥିଲା ଏବଂ ଜଣେ ଅନ୍ୟଜଣକୁ ପ୍ରେରିତ କରୁଥିଲେ। ଏହି ଘୋଷଣା ପରେ ପରେ ବ୍ୟାପକ ବିରୋଧ ପ୍ରଦର୍ଶନ ହେଲା। ପ୍ରାରମ୍ଭରେ ଏହି ବିରୋଧ ନରମପନ୍ଥିମାନଙ୍କର 'ଅନୁନୟ-ବିନୟ' ମାଧ୍ୟମରେ କରାଗଲା ଯେଉଁଥିରେ ଔପନିବେଶିକ ସରକାରଙ୍କୁ ଭାଷଣ, ସାଧାରଣ ସଭା ଏବଂ ଖବରକାଗଜ ମାଧ୍ୟମରେ ଅବଗତ କରାଗଲା। ଏହାଦ୍ୱାରା ଭାରତ ତଥା ଇଂଲଣ୍ଡରେ ଜନମତ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଉକ୍ତ ପଦକ୍ଷେପମାନ ସତ୍ତ୍ୱେ ୧୯୦୫ରେ ବଙ୍ଗ ବିଭାଜନ ଘୋଷିତ ହେଲା।

ଯେତେବେଳେ ଶେଷ ନିଷ୍ପତ୍ତି ଘୋଷଣା କରାଗଲା ବଙ୍ଗଳାରେ ସର୍ବତ୍ର ଦୃଢ଼ ବିରୋଧ

କରାଗଲା । ବଙ୍ଗଳାରେ ସର୍ବତ୍ର ବିରୋଧ ସଭାମାନ ଅନୁଷ୍ଠିତ ହେଲା ଏବଂ ପ୍ରମୁଖ ଭାବରେ କେବଳ କଲିକତାରେ ନୁହେଁ ମାତ୍ର ବଙ୍ଗଳାର ଦିନାଜପୁର, ପାବନା, ଫରିଦପୁର, ଢ଼ାକା, ବରିସାଲ ଭଳି ଛୋଟ ଛୋଟ ସହରମାନଙ୍କରେ ବିରୋଧୀ ସଭାମାନ ହୋଇଯାଇଥିଲା । ଏହି ସଭାମାନଙ୍କ ମଧ୍ୟରୁ କୌଣସି ଏକ ସଭାରେ ପ୍ରଥମ ଥର ପାଇଁ ବିଲାତ ଦ୍ରବ୍ୟ ବର୍ଜନର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୬ ଅଗଷ୍ଟ ୧୯୦୫ର କଲିକତା ଟାଉନହଲରେ ଏକ ବୈଠକରେ ବର୍ଜନର ସଂକଳ୍ପ ଗ୍ରହଣ କରି ସ୍ୱଦେଶୀ ଆନ୍ଦୋଳନର ଔପଚାରିକତା ଘୋଷଣା କରାଗଲା ଯାହାଫଳରେ ଏ ପର୍ଯ୍ୟନ୍ତ ବିଘଟିତ ନେତୃତ୍ୱ ଏକଜୁଟ କରାଗଲା । ଯେଉଁଦିନ ବିଭାଜନ ଲାଗୁ କରାଗଲା, ଏହା ୧୧ ଅକ୍ଟୋବର ୧୯୦୫କୁ ସେହିଦିନ କଲିକତାରେ ହରତାଳ ପାଳନ କରାଗଲା ତଥା ଏହି ଦିନଟିକୁ ଶୋକ ଦିବସ ଘୋଷିତ କରାଗଲା । ସମସ୍ତ ଲୋକ ଉପବାସ କଲେ ଏବଂ କୌଣସି ଘରେ ରୋଷେଇ ପାଇଁ ଚୁଲି ଜଳିଲା ନାହିଁ । ବନ୍ଦେ ମାତରମ୍ ସଂଗୀତ ଗାନ କରି ଗଳି ଗଳିରେ ପରେଡ ବାହାରି ବଙ୍ଗଳାର ଲୋକମାନେ ଏକତାର ପ୍ରତୀକ ଭାବରେ ପ୍ରତ୍ୟେକ ପ୍ରତ୍ୟେକ ହାତରେ ରାକ୍ଷୀ ବାନ୍ଧିଲେ ।

ଏପରି ବିଶେଷ ସ୍ୱଦେଶୀ ଏବଂ ବର୍ଜନର ଜନ ବିରୋଧ ଫଳରେ କଂଗ୍ରେସର ନୂତନ ସଦସ୍ୟମାନଙ୍କ ମଧ୍ୟରେ ଲୋକପ୍ରିୟତା ବୃଦ୍ଧି ପାଇଲା । ଯେଉଁମାନେ ନିଜର ପରିଶ୍ରମ ଅନୁସାରେ ପରିଣାମ ଦେଖିବା ନିମିତ୍ତ ନରମପନ୍ଥିମାନଙ୍କ ଅପେକ୍ଷା ଅଧିକ ଅଧୈର୍ଯ୍ୟ ଥିଲେ । ଲୋକମାନ୍ୟ ତିଳକ ସ୍ୱଦେଶୀ ଏବଂ ବିଦେଶୀ ଦ୍ରବ୍ୟ ବର୍ଜନର ସଂଦେଶକୁ ମୁମ୍ବେଇ ଏବଂ ପୁନେ ପର୍ଯ୍ୟନ୍ତ ନେଇଗଲେ । ଅଜିତ ସିଂ ଏବଂ ଲାଲା ଲାଜପତ ରାୟ ପଞ୍ଜାବରେ ଏବଂ ଅନ୍ୟଭାଗ ପର୍ଯ୍ୟନ୍ତ ପହଞ୍ଚାଇ ଥିଲେ । ଶୟଦ ହାଇଦର ରାଜା ଦିଲ୍ଲୀ ପର୍ଯ୍ୟନ୍ତ ଏବଂ ଚିଦମ୍ବର ପିଲାଇ ମାନ୍ଦ୍ରାଜ ପ୍ରେସିଡେନସି ପର୍ଯ୍ୟନ୍ତ ଏହି ସନ୍ଦେଶକୁ ନେଇ ଯାଇଥିଲେ, ସେତେବେଳେ ବିପିନ ଚନ୍ଦ୍ର ପାଲଙ୍କ ବିସ୍ତୃତ ଭ୍ରମଣ ସମୟରେ ଦିଆଯାଇଥିବା ବ୍ୟାପକ ବକ୍ତବ୍ୟଦ୍ୱାରା ଅନୁପ୍ରାଣିତ ହୋଇଥିଲା । ଗୋପାଳକୃଷ୍ଣ ଗୋଖେଲେଙ୍କ ଅଧ୍ୟକ୍ଷତାରେ ୧୯୦୫ରେ ହୋଇଥିବା କଂଗ୍ରେସର ସ୍ୱଦେଶୀ ଆହ୍ୱାନକୁ ଅଧିବେଶନ ସମୟରେ ଔପଚାରିକ ଭାବେ ଗ୍ରହଣ କରାଯାଇଥିଲା । ଯଦିଚ କଂଗ୍ରେସ ବଙ୍ଗଳାରେ ସ୍ୱଦେଶୀ ଆନ୍ଦୋଳନକୁ ସମର୍ଥନ ଦେଲା କିନ୍ତୁ ଏହା ଏହି ଆନ୍ଦୋଳନକୁ ଆହୁରି ଆଗକୁ ସମ୍ପୂର୍ଣ୍ଣ ଭାରତୀୟ ସ୍ତରରେ ଅଥବା ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଲକ୍ଷ ପର୍ଯ୍ୟନ୍ତ ବିସ୍ତାରିତ କରି ପାରିନଥିଲା । ତିଳକ, ବିପିନ ଚନ୍ଦ୍ର ପାଲ, ଲାଲା ଲାଜପତ ରାୟ ଏବଂ ଅରବିନ୍ଦ ଘୋଷଙ୍କ ଭଳି ଚରମପନ୍ଥୀ ନେତାମାନଙ୍କର ଏହାହିଁ କେବଳ ଇଚ୍ଛା ଥିଲା । ଚରମପନ୍ଥିମାନଙ୍କର ଚାପରେ ଦାଦାଭାଇ ନାରୋଜୀଙ୍କୁ କଲିକତା ଅଧିବେଶନ ସମୟରେ ନିଜର ଅଧ୍ୟକ୍ଷ ଭାଷଣରେ ଏହା କହିଥିଲେ ଯେ କଂଗ୍ରେସର ଅନ୍ତିମ ଲକ୍ଷ "ସ୍ୱ ଶାସନ ବା ସ୍ୱରାଜ ।"

ସ୍ୱଦେଶୀ ଆନ୍ଦୋଳନରେ ଯୋଗଦାନ ଏପରି ଥିଲା ଯେ ଏଥିରେ ନୂତନ ପ୍ରକାର ପ୍ରତିରୋଧମାନ ଆରମ୍ଭ କଲେ । ଏପରି ଆଶାକରାଯାଉଥିବା ବିରୋଧର କେତେକ ଉପାୟ ମହାତ୍ମାଗାନ୍ଧିଙ୍କ ଦ୍ୱାରା ସତ୍ୟାଗ୍ରହ ସମୟରେ ଗ୍ରହଣ କରାଯାଇଥିଲା । ବିରୋଧର ଏହି ଉପାୟଗୁଡିକ ଥିଲା ଜନସଭା, ସୋଭାଯାତ୍ରା, ବିଦେଶୀ ବସ୍ତ୍ର ବର୍ଜନ (ପରବର୍ତ୍ତୀ ସମୟରେ ଏହାର ବିସ୍ତାର ସରକାରୀ ସ୍କୁଲ, କଲେଜ, ନ୍ୟାୟାଳୟ, ଉପାଧି ଏବଂ ସରକାରୀ ଚାକିରୀକୁ ବହିଷ୍କାର ପର୍ଯ୍ୟନ୍ତ ହୋଇଗଲା) ହରତାଳ, ସାର୍ବଜନିକ ଭାବରେ ବିଦେଶୀ ଦ୍ରବ୍ୟ ପୋଡିବା ଏବଂ ବିଦେଶୀ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନ ସମ୍ମୁଖରେ ଧାରଣା ଇତ୍ୟାଦି । ବ୍ୟାପକ ସ୍ତରରେ ଜନମାନସରେ ସକ୍ରିୟତା





ସୃଷ୍ଟି କରିବାର ପ୍ରୟାସ କରାଗଲା ଏବଂ ଏପରି ସମିତିମାନ ଗଠନ କରାଗଲା,ଯାହା ବଙ୍ଗଳାର ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଇ ସ୍ୱଦେଶୀର ସନ୍ଦେଶ ପ୍ରଚାର ପ୍ରସାର କରାଗଲା ।

ପ୍ରଥମଥର ଜନ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ରାଷ୍ଟ୍ରୀୟ ଆନ୍ଦୋଳନରେ ପ୍ରାରମ୍ଭରିକ ଏବଂ ଲୋକପ୍ରିୟ ପର୍ବମାନ ପାଳନ କରାଗଲା ।

ମହାରାଷ୍ଟ୍ରରେ ତିଳକଙ୍କ ଦ୍ୱାରା ବହୁ ସଂଖ୍ୟାରେ ଲୋକମାନଙ୍କୁ ଏହି ଆନ୍ଦୋଳନ ଆଡକୁ ଆକର୍ଷିତ କରିବା ପାଇଁ ଏବଂ ଏ ସମ୍ବନ୍ଧରେ ସେମାନଙ୍କୁ ଶିକ୍ଷିତ କରିବା ପାଇଁ ଗଣପତି ଓ ଶିବାଜୀ ଉତ୍ସବମାନଙ୍କର ଉପଯୋଗ କରାଗଲା । ବଙ୍ଗଳାରେ ଲୋକମାନଙ୍କୁ ପ୍ରେରିତ କରିବା ପାଇଁ ସ୍ୱଦେଶୀ ସଂଗୀତ ପ୍ରୟୋଗ କରାଗଲା । ଲୋକପ୍ରିୟ ରଙ୍ଗମଞ୍ଚ ଯାତ୍ରାର ଏକ ପ୍ରକାର ରାଷ୍ଟ୍ରୀୟ ଭାବନାର ବିସ୍ତାର ନିମିତ୍ତ ପ୍ରୟୋଗ ପାଇଁ ବ୍ୟବହାର କରାଗଲା । ଏହି ଆନ୍ଦୋଳନ ସହିତ ସାଂସ୍କୃତିକ ଗତିବିଧିମାନଙ୍କର ଏକ ପ୍ଲାବନ ସୃଷ୍ଟି ହେଲା ।

ପରିଶେଷରେ ଔପନିବେଶିକ ସରକାର ବାଧ ହୋଇ ସେମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭାଜନକୁ ପ୍ରତ୍ୟାହାର କରିବାକୁ ବାଧ ହେଲେ । ତଥାପି ସେମାନେ ୧୯୧୧ରେ ରାଜଧାନୀକୁ କଲିକତାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ କରି କଲିକତା ଏବଂ ଏହା ସହିତ ବଙ୍ଗଳାରେ ବୁଦ୍ଧିଜୀବିମାନଙ୍କ ମହତ୍ୱକୁ ନ୍ୟୁନ କରିବା ପାଇଁ ପ୍ରୟାସ କଲେ ।

### ପାଠଗତ ପ୍ରଶ୍ନ ୨୧.୧

୧. ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଗଠନ କେବେ ହେଲା ? କେଉଁ ବ୍ରିଟିଶ ଅଧିକାରୀ ଏହାର ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ?

..................................................................................................

୨. ବଙ୍ଗଳା ବିଭାଜନର ଘୋଷଣା କିଏ କଲେ ଏବଂ କେବେ ହେଲା ?

..................................................................................................

୩. ରାଷ୍ଟ୍ରବାଦୀ ଭାବନାର ପ୍ରସାର ନିମିତ୍ତ କେଉଁ ପ୍ରକାର ଲୋକପ୍ରିୟ ରଙ୍ଗମଞ୍ଚର ପ୍ରୟୋଗ କରାଗଲା ?

..................................................................................................

୪. ୧୯୧୧ରେ ରାଜଧାନୀକୁ ସ୍ଥାନାନ୍ତରିତ କରିବାର ମୁଖ୍ୟ କାରଣ କ'ଣ ଥିଲା ?

..................................................................................................

## ୨୧.୩ ଭାରତ ତଥା ବିଦେଶରେ କ୍ରାନ୍ତିକାରୀ ଆନ୍ଦୋଳନର ପ୍ରଥମ ଚରଣ

କଂଗ୍ରେସ ମଧ୍ୟରେ ଥିବା ନରମପନ୍ଥୀ ଏବଂ ଚରମପନ୍ଥୀମାନଙ୍କର ପ୍ରଭେଦ ଅଧିକରୁ ଅଧିକ ବୃଦ୍ଧି ହେବାକୁ ଲାଗିଲା । ଚରମପନ୍ଥୀମାନେ ଔପନିବେଶିକ ସରକାର ଦ୍ୱାରା ଆରମ୍ଭ ହୋଇଥିବା







ସମ୍ବିଧାନିକ ସୁଧାର ନାମରେ କରାଯାଉଥିବା ନିର୍ବାଚନ ବର୍ଜନ କରିବା ପକ୍ଷରେ ଥିଲେ । ନରମପନ୍ଥୀମାନେ ସୀମିତ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବାପାଇଁ ଚାହୁଁଥିଲେ । ସେମାନଙ୍କ ମଧ୍ୟରେ ସଂଘର୍ଷର ପରିଣାମ ଥିଲା ୧୯୦୭ ମସିହା ସୁରାଟ କଂଗ୍ରେସ ସମ୍ମିଳନୀରେ ବିଭାଜନ । ଚରମପନ୍ଥୀ ନେତାମାନେ ସାଧାରଣ ଜନତାଙ୍କୁ ପ୍ରତିକ୍ରିୟାଶୀଳ କରିବାକୁ ଉଦ୍ୟମ ଜାରି ରଖିଥିଲେ ଏବଂ ସେତେବେଳେ କଂଗ୍ରେସ ସରକାରୀ ନୀତିଗୁଡ଼ିକୁ ପ୍ରଭାବିତ କରିବାକୁ ପ୍ରୟାସ କରୁଥିଲେ । ୧୯୦୯ରେ ମୋର୍ଲେ-ମିଣ୍ଟୋ ସଂସ୍କାର ଚରମପନ୍ଥୀମାନଙ୍କର ଆକାଂକ୍ଷା ଉପରେ ଏକ ଶକ୍ତ ଆଘାତ ଥିଲା । ସ୍ୱଦେଶୀ ଆନ୍ଦୋଳନ ନିଜର ଗତିକୁ ହଜାଇ ଦେଇଥିଲା । ତଥାପି ଆନ୍ଦୋଳନର କ୍ରାନ୍ତିକାରୀ ସନ୍ଦେଶ ଥିଲା ଅନ୍ୟ ଏକ ବ୍ୟକ୍ତି କୈନ୍ଦ୍ରିକ ପ୍ରତିରୋଧ ଓ ତାହା ଏକ ବୈପ୍ଳବିକ ଆନ୍ଦୋଳନକୁ ପ୍ରେରିତ କରୁଥିଲା ।

ଏହି ଚରମ ଆତ୍ମ ବଳି ମାଧ୍ୟମରେ ବ୍ରିଟିଶ ଶାସନର ଅନ୍ତ ଥିଲା ବୈପ୍ଳବିକ ଆନ୍ଦୋଳନର ଲକ୍ଷ । ଅପ୍ରିୟ ଔପନିବେଶିକ ପଦାଧିକାରୀ, ଯେଉଁମାନେ ସରକାରଙ୍କର ଦମନମୂଳକ ଆଇନଗୁଡ଼ିକୁ ରୂପରେଖ ଦେଉଥିଲେ, ସେମାନଙ୍କୁ ହତ୍ୟା କରିବା ଥିଲା ବିପ୍ଳବୀମାନଙ୍କର କାର୍ଯ୍ୟ ପ୍ରଣାଳୀ । ସାମୁହିକ ଆନ୍ଦୋଳନକୁ ଔପନିବେଶିକ ଜବାବ ସର୍ବଦା ଦୁଇପ୍ରକାର ଥିଲା । ଏକପକ୍ଷରେ ଏହି ସରକାର ସାମ୍ବିଧାନିକ ସଂସ୍କାରମାନ ଆଣି ନେତାମାନଙ୍କୁ ସଙ୍କୁଚିତ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବାପାଇଁ ନିମନ୍ତ୍ରଣ କରୁଥିଲେ, ଅନ୍ୟପକ୍ଷରେ ପ୍ରମୁଖ ନେତାମାନଙ୍କୁ ବନ୍ଦିକରି ସାମୁହିକ ଦମନ ନୀତି ଅବଲମ୍ବନ କରୁଥିଲେ । ଉଗ୍ରବାଦୀ ନେତାମାନେ ଅନେକ ବର୍ଷ ଜେଲରେ ବିତାଇ ଥିଲେ । ସେମାନଙ୍କୁ ଜେଲ ଭିତରକୁ ଏବଂ ବାହାରକୁ ବାରମ୍ବାର ନେବା ଫଳରେ ଏହି ବୈପ୍ଳବିକ ଆନ୍ଦୋଳନ ଗୁପ୍ତ ସଂଗଠନ ଦ୍ୱାରା ପରିଚାଳିତ ହେଲା । ଏହି ସଂଗଠନର ଉତ୍ପତ୍ତିର ବୀଜ ସ୍ୱଦେଶୀ ଦିନମାନଙ୍କରେ ଗଠିତ ସମିତିମାନଙ୍କରେ ସମାହିତ ଥିଲା ।

୧୯୦୮ରେ ଖୁଦିରାମ ବୋଷ ଏବଂ ପ୍ରଫୁଲ୍ଲ ଚାକି ମୁଜାଫରପୁରର ଅପ୍ରିୟ ବିଚାରପତି କିଙ୍ଗସଫର୍ଡ ଯାଉଥିବା ଏକ ଘୋଡାଗାଡି ଉପରକୁ ବୋମା ଫିଙ୍ଗିଥିବାର ବିଶ୍ୱାସ କରାଯାଏ । ଏପରି ସେମାନେ ସେଠାରେ ଦୁଇଜଣ ଇଂରେଜ ମହିଳାଙ୍କୁ ହତ୍ୟା କରିଥିଲେ । ଚାକି ନିଜକୁ ଗୁଳି କରି ମୃତ୍ୟୁ ବରଣ କରିଥିଲେ ଏବଂ ଖୁଦୀରାମଙ୍କୁ ଫାସି ଦିଆଯାଇଥିଲା । ମୁଖ୍ୟତଃ 'ଅନୁଶୀଳନ' ଏବଂ 'ଯୁଗାନ୍ତର' ସମିତିର ବିପ୍ଳବୀମାନେ ସେମାନଙ୍କର ଆନ୍ଦୋଳନ ଚାଲୁ ରଖିବା ପାଇଁ ସ୍ୱଦେଶୀ ଡକାୟତ ଭାବରେ ଧନ ସଂଗ୍ରହ କରୁଥିଲେ । ଏହି ବୈପ୍ଳବିକ ଆନ୍ଦୋଳନ କେବଳ ବଂଗଳାରେ ସୀମିତ ନଥିଲା । ରାଶବିହାରୀ ବୋଷ ଏବଂ ସଚ୍ଚୀନ୍ଦ୍ରନାଥ ସାନ୍ୟାଲ ପଞ୍ଜାବ, ଉତ୍ତରପ୍ରଦେଶ ଏବଂ ଦିଲ୍ଲୀ ଅଞ୍ଚଳରେ କ୍ରାନ୍ତିକାରୀ ତନ୍ତ୍ର ସ୍ଥାପନା କରିଥିଲେ । ୧୯୧୨ରେ ଏହି ଦୁଇ ଜଣ କ୍ରାନ୍ତିକାରୀ ଦିଲ୍ଲୀରେ ଭାଇସରାୟ ଲର୍ଡ ହାର୍ଡିଙ୍କ ଉପରେ ଏକ ଅସଫଳ ଘାତକ ଆକ୍ରମଣର ଉଦ୍ୟମ କରିଥିଲେ ।

କ୍ରାନ୍ତିକାରୀ ଆନ୍ଦୋଳନ ଧୀରେ ଧୀରେ ଭାରତୀୟ ଉପକୂଳ ବାହାରେ ମଧ୍ୟ ବ୍ୟାପି ଯାଇଥିଲା । ୧୯୦୫ରେ ଶ୍ୟାମଜୀ କୃଷ୍ଣ ବର୍ମ୍ମା ଲଣ୍ଡନରେ ବିଦ୍ୟାର୍ଥିମାନଙ୍କ ନିମିତ୍ତ ଇଣ୍ଡିଆ ହାଉସ ନାମରେ ଏକ କେନ୍ଦ୍ର ଆରମ୍ଭ କଲେ । ସନ ୧୯୦୭ରେ ଭି.ଡି.ସଭରକରଙ୍କ ଦ୍ୱାରା ପରିଚାଳିତ ଏକ କ୍ରାନ୍ତିକାରୀ ସଂଗଠନ ଏହି କେନ୍ଦ୍ରକୁ ନିଜ ହାତକୁ ନେଇ ଯାଇଥିଲେ । ଏହି ସଂଗଠନର ସଭ୍ୟ ମଦନଲାଲ ଢ଼ିଙ୍ଗରା ଭାରତୀୟ ଉଚ୍ଚ ପଦାଧିକାର କର୍ଜନ ଉଇଲିଙ୍କୁ ୧୯୦୯ରେ ଲଣ୍ଡନଠାରେ





ହତ୍ୟା କରିଥିଲେ । ଇଉରୋପ (ପ୍ୟାରିସ ଏବଂ ଜେନେଭା)ରେ ଜଣେ ପାର୍ଶି କ୍ରାନ୍ତିକାରୀ ମ୍ୟାଡାମ କାମା ଫରାସୀ ସମାଜସେବୀମାନଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ସେ ବନ୍ଦେ ମାତରମ୍ ନାମକ ଏକ କ୍ରାନ୍ତିକାରୀ ପତ୍ରିକାର ଶୁଭାରମ୍ଭ କଲେ । ବର୍ଲିନରେ ବିରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ ଏବଂ ଅନ୍ୟ ନେତାମାନେ ୧୯୦୯ରୁ ସକ୍ରିୟ ଥିଲେ । ବ୍ରିଟେନ ଏବଂ ଇଉରୋପରେ କ୍ରାନ୍ତିକାରୀ ସମୂହ ସମ୍ପୂର୍ଣ୍ଣ ଭାବେ ପୃଥକ ପୃଥକ ଥିଲେ । ତଥାପି ସଂଯୁକ୍ତ ରାଜ୍ୟ ଆମେରିକାରେ ଏବଂ ବିଶେଷ ଭାବରେ ବ୍ରିଟିଶ କଲୋମ୍ବିଆ ତଥା ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ରାଜ୍ୟରେ ଏହି ଆନ୍ଦୋଳନ ପ୍ରମୁଖ ସ୍ଥଳି ପାଲଟିଥିଲା । ଏହି ରାଜ୍ୟମାନଙ୍କରେ ମୁଖ୍ୟତଃ ଶିଖ ସମ୍ପ୍ରଦାୟଙ୍କୁ ନେଇ ୧୫୦୦ ଭାରତୀୟ ବାସ କରୁଥିଲେ । ସେମାନେ ସକ୍ଷମ ବଣିକ ଏବଂ ଶ୍ରମିକ ହୋଇଥିଲେ ମଧ୍ୟ ପ୍ରମୁଖ ରୂପେ ଜାତିଗତ ବିଭେଦତାର ଶିକାର ହୋଇଥିଲେ । ସେହି ଜନ ସମୁଦାୟ ମଧ୍ୟରୁ ସାନ-ଫ୍ରାନସିସକୋ ସହରରେ ୧୯୧୩ ମସିହାରେ ଗଦର ଆନ୍ଦୋଳନର ସୂତ୍ରପାତ ହେଲା । ଏହି ଆନ୍ଦୋଳନ ସୋହାନ ସିଂହ ଭାକନାଙ୍କ ଦ୍ୱାରା ଗଠିତ ହୋଇଥିଲା ଏବଂ ହର ଦୟାଲ ଏହାର ଜଣେ ପ୍ରମୁଖ ନେତା ଥିଲେ ।

୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ଏବଂ ବିପ୍ଳବୀମାନେ ଏହି ସମୟକୁ ସେମାନଙ୍କର ପୂର୍ଣ୍ଣ ସ୍ୱତନ୍ତ୍ରତା ଲକ୍ଷକୁ ଆଗକୁ ବଢ଼ାଇବା ପାଇଁ ଏକ ସର୍ବଶ୍ରେଷ୍ଠ ସମୁଚିତ ଅବସର ବୋଲି ବିବେଚନା କଲେ । ବ୍ରିଟେନ ଯୁଦ୍ଧ ପ୍ରସ୍ତୁତିରେ ବ୍ୟସ୍ତ ଥିଲା ଏବଂ ଏଥିପାଇଁ ଭାରତର ସୈନିକ ଦଳଗୁଡ଼ିକୁ ବିଦେଶକୁ ପଠାଯାଉଥିଲା । ଜର୍ମାନଭଳି ଶତ୍ରୁ ରାଷ୍ଟ୍ର ବ୍ରିଟେନକୁ ଦୁର୍ବଳ କରିବା ପାଇଁ କ୍ରାନ୍ତିକାରୀମାନଙ୍କର କାର୍ଯ୍ୟକଳାକୁ ପ୍ରୋତ୍ସାହନ ଦେବା କାଇଁ ଧନର ବ୍ୟବସ୍ଥା କରିବା ପାଇଁ ଅତ୍ୟନ୍ତ ଉତ୍ସୁକ ଥିଲେ । ତୁର୍କି ଉପରେ ବ୍ରିଟେନର ଆକ୍ରମଣ ଫଳରେ ସମ୍ପୂର୍ଣ୍ଣ ଇସଲାମିକ ଜଗତର ତୁର୍କୀକୁ ସମର୍ଥନ ମିଳଲା କାରଣ ତୁର୍କୀ ଖଲିଫା ପଦରେ ଥିଲା, ଯାହାକୁ ସମଗ୍ର ବିଶ୍ୱରେ ସମ୍ମାନ କରା ଯାଉଥିଲା । ବରକତୁଲ୍ଲା ମୁଖ୍ୟ ମୁସଲିକ କ୍ରାନ୍ତିକାରୀ ନେତାମାନଙ୍କ ମଧ୍ୟରେ ଏକ ମହତ୍ୱପୂର୍ଣ୍ଣ ନେତା ଥିଲେ ଯିଏ ଖିଦଗର ଆନ୍ଦୋଳନରେ ସାମିଲ ହୋଇଥିଲେ । ଉତ୍ତର ପ୍ରଦେଶରେ ଦେଓବନ୍ଦରେ ଏକ ମୁସଲିମ ଶିକ୍ଷଣ କେନ୍ଦ୍ରରେ ଶିକ୍ଷିତ ବ୍ୟକ୍ତିମାନଙ୍କର ଏକ ସମୂହ ବା ଉଲେମାମାନେ ମଧ୍ୟ କ୍ରାନ୍ତିକାରୀ ସନ୍ଦେଶର ପ୍ରଚାର କଲେ ଏବଂ ଏହାକୁ ମୁସଲମାନମାନେ ବହୁ ସଂଖ୍ୟାରେ ସମର୍ଥନ କଲେ ।

ଇତ୍ୟବସରରେ ସ୍ୱଦେଶୀ ଡକାୟତି ଏବଂ ବ୍ରିଟିଶମାନଙ୍କୁ ହତ୍ୟା ଜାରୀ ରହିଥିଲା ଏବଂ ଏହି ସମୟରେ କ୍ରାନ୍ତିକାରୀ କାର୍ଯ୍ୟ କଳାପର ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଲା । ଜତିନ ମୁର୍ଖାଜୀ (ବାଘା ଜତିନ)ଙ୍କ ନେତୃତ୍ୱରେ ବଙ୍ଗାଳର କ୍ରାନ୍ତିକାରୀମାନଙ୍କର ସମୂହ ସଂଗଠିତ ହେଲା ଏବଂ ସେମାନେ ରେଳ ସେବାକୁ ବଡ ଧରଣର ଧ୍ୱସ୍ତ ବିଧ୍ୱସ୍ତ କରି ଅସ୍ତ୍ର ଶସ୍ତ୍ର ଅପହରଣ ପାଇଁ ଯୋଜନା ତିଆରି କଲେ । କଲିକତାରେ ଯେତେବେଳେ ରୋଡା ଫାର୍ମର ଶସ୍ତ୍ର ଏବଂ ବାରୁଦ ଏହି ଲୋକମାନଙ୍କ ହାତକୁ ଆସିଲା । ସେମାନଙ୍କୁ ସେତେବେଳେ ବଡ ଧରଣର ସଫଳତା ମିଳିଲା । ତଥାପି ଓଡିଶାର ବାଲେଶ୍ୱର ପୋଲିସ ଦ୍ୱାରା ବାଘା ଜତିନଙ୍କୁ ଧରି ନେବା ଫଳରେ ଦୀର୍ଘକାଳୀନ ଯୋଜନାଗୁଡ଼ିକୁ ବଡ ଧରଣର ଧକ୍କା ଲାଗିଲା । ରାସ ବିହାରୀ ବୋଷ ଏବଂ ସଚିନ ସାନ୍ୟାଲଙ୍କର ଯୋଜନା ମଧ୍ୟ ବଙ୍ଗଳାର କ୍ରାନ୍ତିକାରୀ ଆନ୍ଦୋଳନର ଅଙ୍ଗ ଥିଲା । ଏହି ଗୋଷ୍ଠୀର ଲୋକମାନେ ଅନେକ ସଂଖ୍ୟାରେ ଭାରତ ଆସିବାକୁ ଆରମ୍ଭ କରିଦେଲେ । କାମାଗାଟାମାରୁ ଘଟଣା ଏହି ଆବେଗକୁ ଆହୁରି ପ୍ରଜ୍ୱଳିତ କଲା । ଶିଖ ଏବଂ ମୁସଲିମ ଯାତ୍ରୀମାନଙ୍କୁ ନିଆ

ହେଉଥିବା କାମାଗାଟାମାରୁ ଜାହାଜକୁ କାନାଡା ସରକାର ଫେରାଇଦେଲା ଏବଂ ଏହା ସେପ୍ଟେମ୍ବର ୧୯୧୪ରେ କଲିକତାରେ ପହଞ୍ଚିଲା । ଯାତ୍ରୀମାନେ ପୋଲିସ ସହିତ ସଂଘର୍ଷ କଲେ ଏବଂ ୨୨ ଲୋକଙ୍କ ମୃତ୍ୟୁ ହୋଇଥିଲା ।

ଗଦର ଆନ୍ଦୋଳନ ଏବଂ କ୍ରାନ୍ତିକାରର ଯୋଜନାଗୁଡିକ ଅସଫଳ ରହିଲା କାରଣ ବ୍ରିଟିଶ ସରକାର ଏହା ଉପରେ ବହୁତ ଶକ୍ତି ପ୍ରୟୋଗ କରିଥିଲା । ଯେଉଁ କେତେକ ଗଦ୍ରି ଫେରି ଆସିଥିଲେ, ସେମାନଙ୍କୁ ତତ୍‌କ୍ଷଣାତ୍ ଗିରଫ କରାଯାଇଥିଲା ଏବଂ ରାସବିହାରୀ ବୋଷ ଜାପାନ ଚାଲି ଯାଇଥିଲେ । ସଚିନ ସାନ୍ୟାଲଙ୍କୁ ଆଜୀବନ ଦେଶାନ୍ତର ଦିଆଯାଇଥିଲା । କ୍ରାନ୍ତିକାରୀ ଏବଂ ବିଶେଷ ଭାବେ ଗଦରୀମାନେ ସୈନ୍ୟ ଏବଂ କିଷାନମାନଙ୍କ ମଧ୍ୟରେ କ୍ରାନ୍ତିର ସଂଗଠିତ ରୂପ ଦେବାରେ ଅଗ୍ରଣୀ ଥିଲେ ।

## ୨୧.୪ ହୋମରୁଲ ଆନ୍ଦୋଳନ

ବାଳ ଗଙ୍ଗାଧର ତିଳକ, ଯିଏ ୧୯୦୮-୧୯୧୪ ମଧ୍ୟରେ ଜେଲ ଦଣ୍ଡ ଭୋଗୁଥିଲେ ସେ କଂଗ୍ରେସକୁ ଫେରି ଆସିଥିଲେ, ଯାହା ମୋରଲେ ମିଣ୍ଟଙ୍କ ଅଧିନରେ କାଉନସିଲ ନିର୍ବାଚନର ହତାଶତା ଅପେକ୍ଷା ଏହା ତାଙ୍କ ପାଇଁ ଅଧିକ ଉନ୍ମୁକ୍ତ ଥିଲା । ୧୯୧୪-୧୫ ପର୍ଯ୍ୟନ୍ତ ସ୍ୱଦେଶୀ ଆନ୍ଦୋଳନ, କାଉନସିଲରେ ପ୍ରବେଶ ଏବଂ ଭିତରେ ରହି ପ୍ରଶାସନକୁ ପ୍ରଭାବିତ କରିବା ପାଇଁ ପ୍ରୟାସ ଏବଂ କ୍ରାନ୍ତିକାରୀ ଆନ୍ଦୋଳନ ସମସ୍ତେ ନିଜ ନିଜ ମଧ୍ୟରେ ସେମାନଙ୍କର ପ୍ରଭାବ ହରାଇ ବସିଥିଲେ । ଏହା ସେହି ସମୟ ଥିଲା, ଯେତେବେଳେ ରାଷ୍ଟ୍ରୀୟ ଆନ୍ଦୋଳନକୁ ନୂତନ ଭାବରେ ଜୋରଦାର ଢ଼ଙ୍ଗରେ ଆଗକୁ ବଢ଼ାଇବାର ଆବଶ୍ୟକତା ଥିଲା ଏବଂ ଏହା ଏନି ବାସେନ୍ତ ଏବଂ ତିଳକଙ୍କର ହୋମରୁଲ ଆନ୍ଦୋଳନରେ ହିଁ ସମ୍ଭବ ଥିଲା । ତିଳକ କଂଗ୍ରେସ ଭିତରେ ହିଁ ହୋମରୁଲ ଲୀଗ ମାଧ୍ୟମରେ ଏକ ଆକ୍ରାମକ ତନ୍ତ୍ର ସ୍ଥାପିତ କରିବା ନିମିତ୍ତ କାର୍ଯ୍ୟ କଲେ, ଯାହା ସେ ଅପ୍ରେଲ ୧୯୧୬ରେ ସ୍ଥାପିତ କରିଥିଲେ । ପ୍ରାୟତଃ ଏହି ସମୟରେ ଥିୟୋସଫିଷ୍ଟ ନେତ୍ରୀ ଏନି ବସେନ୍ତ ସର୍ବ ଶ୍ରେଷ୍ଠ ଖ୍ୟାତିରେ ଉପନୀତ ହୋଇଥିଲେ ଏବଂ ସେ ଭାରତୀୟମାନଙ୍କ ନିମିତ୍ତ ସ୍ୱ-ଶାସନ ହେତୁ ସୁଦୃଢ଼ ଭାବରେ ବିରୋଧ କରିବା ପାଇଁ ପ୍ରସ୍ତାବ ରଖିଲେ । ବେସନ୍ତ ଆୟରିଶ ହୋମରୁଲ ମୋଡେଲ ଅନୁରୂପ ଦେଶରେ ଏକ ହୋମରୁଲ ଲୀଗ ଆନ୍ଦୋଳନ ସ୍ଥାପିତ କରିବା ପାଇଁ ପ୍ରସ୍ତାବ ରଖିଲେ ଯାହାଫଳରେ ଲୋକମାନଙ୍କ ମଧ୍ୟରେ ଜାଗରଣର ପ୍ରସାର କରାଯାଇପାରିବ । ବେସେନ୍ତଙ୍କର ଲୀଗର ସ୍ଥାପନ ସେପ୍ଟେମ୍ବର ୧୯୧୬ରେ ହୋଇଥିଲା ।

ତିଳକଙ୍କ ଲୀଗ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ସକ୍ରିୟ ଥିଲା । ବେସେନ୍ତଙ୍କ ଲୀଗର ପ୍ରଭାବ ଅଖିଳ ଭାରତୀୟ ସ୍ତରରେ ଥିଲା, ଯାହାର ମୁଖ୍ୟାଳୟ ଅଡୟାର ଓ ମାନ୍ଦ୍ରାଜରେ ଥିଲା । ହୋମରୁଲ ଲୀଗର ଗତିବିଧି ଥିଲା ସହରର ଚର୍ଚ୍ଚା ଏବଂ ପଠନ ପ୍ରକୋଷ୍ଠ ମଧ୍ୟରେ, ପର୍ଚ୍ଚା ବାଣ୍ଟିବା ଏବଂ ଜନମତକୁ ପ୍ରଭାବିତ କରିବା ପାଇଁ ଭାଷଣ ଦେବା ପାଇଁ ଯାତ୍ରା ଇତ୍ୟାଦି ସଂଚାଳିତ କରିବା । ହୋମରୁଲ ଆନ୍ଦୋଳନ କେବେହେଲେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଲକ୍ଷ ସମ୍ବନ୍ଧରେ କଥା କହିନଥିଲା, ପରନ୍ତୁ ସରକାରୀ ନୀତିଗୁଡିକର ବିରୋଧ ମାଧ୍ୟମରେ ଉଦାହରଣତୟା, ମଧ୍ୟକାନୁନ, ବନ ଆଇନ ଇତ୍ୟାଦି ଯେମିତି ଉପନିବେଶବାଦୀମାନଙ୍କର ଦମନକାରୀ ନୀତି ବିରୁଦ୍ଧରେ ନିଜର ଧ୍ୟାନ ଅବଶ୍ୟ କେନ୍ଦ୍ରିତ କଲା । ଏହି ସମୟରେ ରାଷ୍ଟ୍ରୀୟ ଆନ୍ଦୋଳନର ନେତାମାନଙ୍କର ନୂତନ ପୀଢ଼ି ପ୍ରସ୍ତୁତ କରାଗଲା ଏବଂ ଏହି ଆନ୍ଦୋଳନର କେନ୍ଦ୍ରବିନ୍ଦୁ ବଙ୍ଗଳା ଏବଂ ପଞ୍ଜାବରୁ ମହାରାଷ୍ଟ୍ର ଓ ଦକ୍ଷିଣକୁ ସ୍ଥାନାନ୍ତରିତ ହୋଇଯାଇଥିଲା । ଅନେକ ନରମପନ୍ଥୀ



ଟିପ୍ପଣୀ

କଂଗ୍ରେସ ମଧ୍ୟ ହୋମରୁଲ ଆନ୍ଦୋଳନରେ ଯୋଡିଗଲେ, ତଥାପି ୧୯୧୮ ପରେ ହୋମରୁଲ ଆନ୍ଦୋଳନ ଅଚାନକ ଅନ୍ତ ହୋଇଗଲା ।

### ପାଠଗତ ପ୍ରଶ୍ନ ୨୧.୨

୧. ସନ ଫ୍ରାନସିସ ସହରରେ ଗଦର ଆନ୍ଦୋଳନ କିଏ ସଂଘଟିତ କରିଥିଲେ ?

..........................................................................................

୨. କାମାଗାଟା ମାରୁ ଘଟଣା କ'ଣ ?

..........................................................................................

୩. କ୍ରାନ୍ତିକାରୀ ପତ୍ରିକାର ଶୁଭାରମ୍ଭ କିଏ କରିଥିଲେ ?

..........................................................................................

୪. ଏନି ବେସେନ୍ତ ଏବଂ ତିଳକ କେଉଁ ଆନ୍ଦୋଳନ କରିଥିଲେ ?

..........................................................................................

## ୨୧.୫ ଗାନ୍ଧୀଜୀଙ୍କ ଜନ-ଆନ୍ଦୋଳନ: ପ୍ରାରମ୍ଭିକ ବର୍ଷ

ବ୍ରିଟିଶ ସରକାର ୧୯୧୯ରେ ସାମ୍ବିଧାନିକ ସଂସ୍କାରର ପରବର୍ତ୍ତୀ ପଦକ୍ଷେପରେ ମଣ୍ଟେଗୁ-ଚେମସ୍‌ଫୋର୍ଡ ସଂସ୍କାରର ଶୁଭାରମ୍ଭ କଲେ । ଯଦିଚ ଏହି ସଂସ୍କାର ଦ୍ୱାରା ଦାବି କରାଗଲା ଯେ ଏହାଦ୍ୱାରା ସ୍ଥାନୀୟ ସ୍ୱ-ଶାସନ ଆସୁଛି ଏବଂ ଭାରତୀୟମାନଙ୍କୁ ଅନେକ ସ୍ୱାୟତ୍ତା ମିଳିଛି ତଥାପି ବାସ୍ତବିକ ଶକ୍ତି ଏବେ ମଧ୍ୟ ସେମାନେ ବ୍ରିଟିଶ ହାତରେ ରଖିଛନ୍ତି । ଏହି ସଂସ୍କାର ଦ୍ୱାରା ଆରମ୍ଭ ହୋଇଥିବା ଦ୍ୱିଶାସନ ପ୍ରଣାଳୀ ଆହୁରି ଅଧିକ ଭାରତୀୟଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଲା ଏବଂ ସ୍ଥାନୀୟ ଖର୍ଚ୍ଚ ଉପରେ ଅଧିକାଧିକ ନିୟନ୍ତ୍ରଣ ପ୍ରଦାନ କଲା, ପରନ୍ତୁ ହାତଗଣତି ବିଧାୟିକାମାନଙ୍କର କାର୍ଯ୍ୟପାଳିକା ଉପରେ କୌଣସି ନିୟନ୍ତ୍ରଣ ନଥିଲା ।

ଯୁଦ୍ଧ ପରବର୍ତ୍ତୀ ବର୍ଷମାନଙ୍କରେ (ପ୍ରଥମ ବିଶ୍ୱ ଯୁଦ୍ଧ ୧୯୧୮ରେ ସମାପ୍ତ ହୋଇ ଥିଲା)ଦେଶରେ ବର୍ଦ୍ଧିତ ଅସନ୍ତୋଷ ଦେଖା ଦେଇଥିଲା । କାରଣ ଭାରତର ଅର୍ଥ ବ୍ୟବସ୍ଥା ଉପରେ ଯୁଦ୍ଧର ପ୍ରଭାବ ସ୍ପଷ୍ଟ ରୂପେ ଆଗକୁ ଆସିଯାଇଥିଲା । ଯୁଦ୍ଧର ପରିଣାମ ସ୍ୱରୂପ ଦରଦାମ, ଅଭାବ ଏବଂ ବେରୋଜଗାରୀ ବଢ଼ି ଥିଲା । ଏହା ସହିତ ଇନଫ୍ଲୁଏଞ୍ଜା ମହାମାରୀ ମଧ୍ୟ ବ୍ୟାପି ଯାଇଥିଲା । ଯୁଦ୍ଧକାଳୀନ ଆବଶ୍ୟକତାରୁ ଭାରତରେ ଉଦ୍ୟୋଗରେ ଏକ ନୂତନ ବର୍ଗର ଉଦଭବ ହେଲା ଏବଂ ଏକ ବଡ ଶ୍ରମିକ ଶ୍ରେଣୀର ଉଭବ ଓ ତାହା ଅଧିକରୁ ଅଧିକ ସଂଗଠିତ ହେବାକୁ ଲାଗିଲା । ଏହି ଶ୍ରମିକ ଶ୍ରେଣୀ ଅତ୍ୟନ୍ତ ଉଦବିଗ୍ନ ଥିଲା ଏବଂ ରାଷ୍ଟ୍ରବାଦୀ ଆନ୍ଦୋଳନ ପାଇଁ ଏକ ସମ୍ଭାବିତ ବଳ ଥିଲା । ପୁଞ୍ଜୀବାଦୀ ଶ୍ରେଣୀର ଏକ ଅଂଶ ଔପନିବେଶିକ ରାଜ୍ୟ ପ୍ରତି ନିଷ୍ଠାବାନ ଥିଲେ, କାରଣ ଏହା ଶ୍ରମିକ ବର୍ଗର ନିୟନ୍ତ୍ରଣରେ ସହାୟତା କରୁଥିଲା । ତଥାପି, ସେମାନଙ୍କ ମଧ୍ୟରୁ କେତେକ ଲୋକ ରାଷ୍ଟ୍ରୀୟ ଆନ୍ଦୋଳନର ସମର୍ଥକ ଥିଲେ । ସେମାନେ ବିଦେଶୀ







ସରକାରର ଆର୍ଥିକ ନୀତିଗୁଡିକୁ ବିରୋଧ କରୁଥିଲେ, ପରନ୍ତୁ ସେମାନେ ଏହା ଅନୁଭବ କରିଥିଲେ ଯେ ବ୍ରିଟିଶ ନୀତିଗୁଡିକର ଅନ୍ତିମ ପରିଣାମ ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ହାନିକାରକ ହେବ ।

ଏହି ଅଶାନ୍ତ ସମୟ ମଧ୍ୟରେ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କର ଆଗମନ ରାଷ୍ଟ୍ରବାଦୀ ଆନ୍ଦୋଳନର ଅନ୍ୟ ଏକ ପର୍ଯ୍ୟାୟ ଆରମ୍ଭ ହେଲା । ସନ ୧୯୧୫ରେ ଭାରତକୁ ଆସିଥିବା ଗାନ୍ଧୀ ଯୁଦ୍ଧ ପରବର୍ତ୍ତୀ ବର୍ଷମାନଙ୍କରେ ଗଚ୍ଛିତ ଶକ୍ତିଗୁଡିକୁ ନିୟନ୍ତ୍ରିତ କରିବା ପାଇଁ ନିଜର କାର୍ଯ୍ୟ ପ୍ରଣାଳୀ ପ୍ରୟୋଗ କଲେ । ତାଙ୍କର ପଦ୍ଧତି ଥିଲା ବିଶିଷ୍ଟ ଆଲୋଚ୍ୟ ବିଷୟ ଓ ଆଇନକୁ ଖୋଜିବା ଏବଂ ଶାନ୍ତି ପୂର୍ଣ୍ଣ ଉପାୟରେ ଏହାର ବିରୋଧ କରିବା ତଥା ଅନୁଶାସିତ ବ୍ୟକ୍ତିମାନଙ୍କର ସହାୟତାରେ ସେହି ଆଇନଗୁଡିକର ଉଲଘଂନ କରିବା । ଗାନ୍ଧୀଜୀଙ୍କର ଆନ୍ଦୋଳନର ମହତ୍ୱ ଏହା ଥିଲା ଯେ  ସେ ବିଶେଷ ଆଲୋଚ୍ୟ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରାଇ ଥିଲେ । ଗାନ୍ଧୀଜୀ ସର୍ବ ପ୍ରଥମ ଚମ୍ପାରନ, ଖେଡ ଏବଂ ଅହମ୍ମଦାବାଦମାନଙ୍କରେ ତିନୋଟି ଆନ୍ଦୋଳନରେ ସଫଳତା ପ୍ରାପ୍ତି କରିଥିଲେ । ଏଗୁଡିକ ପୂର୍ବରୁ ଦୁଇଟି କିଶାନ ଆନ୍ଦୋଳନ ଥିଲା ଏବଂ ଅନ୍ତିମ ଆନ୍ଦୋଳନ ଥିଲା ଅହମ୍ମଦାବାଦରେ ମିଲ ଶ୍ରମିକଙ୍କ ହରତାଳ ।

ଚମ୍ପାରନର କିଶାନ ନୀଳଚାଷ କରିବା ପାଇଁ ବାଧକରୁଥିବା ୟୁରୋପୀୟ ଔପନିବେଶୀକ କର୍ତ୍ତୃପକ୍ଷଙ୍କ ବିରୋଧରେ ଆନ୍ଦୋଳନ କରୁଥିଲେ । ଚମ୍ପାରନରେ ଉପନିବେଶୀ କର୍ତ୍ତୃକାରମାନଙ୍କ ବିରୁଦ୍ଧରେ ଏହା ପ୍ରଥମ ବିରୋଧର ଇତିହାସ ଥିଲା । କିଶାନ ନେତାମାନଙ୍କ ମଧ୍ୟରେ ଜଣେ ରାଜକୁମାର ଶୁକ୍ଳା ନିଜର ଅବସ୍ଥା ପ୍ରଦର୍ଶନ ପାଇଁ ଗାନ୍ଧୀଜୀଙ୍କୁ ଆମନ୍ତ୍ରିତ କରିବା ପାଇଁ ଲକ୍ଷ୍ନୌ ପର୍ଯ୍ୟନ୍ତ ଯାଇଥିଲେ । ଗାନ୍ଧୀଜୀ ୧୯୧୭ରେ ଏହି ମାମଲାରେ ଖୋଲା ଜାଞ୍ଚ କରିବା ଆରମ୍ଭ କଲେ । ଗାନ୍ଧୀଜୀଙ୍କୁ ଚମ୍ପାରନ ଆସିବାକୁ ବନ୍ଦ କରିବା ପାଇଁ ଚେଷ୍ଟା କରିବା ଏବଂ ପରେ ପରେ ସତ୍ୟାଗ୍ରହର ଧମକ ଦେବା ପରେ ଚମ୍ପାରନ ଆନ୍ଦୋଳନର ବ୍ୟାପକ ପ୍ରଚାର ହେଲା । ଚମ୍ପାରନ ଆନ୍ଦୋଳନର ପରିଣାମ ଏପରି ହେଲା ଯେ ସେଠାରେ 'ତିନିକାଠିଆ' ପ୍ରଣାଳୀକୁ ହଟାଇ ଦିଆଗଲା, ଯାହା ଅନ୍ତର୍ଗତ କୃଷକକୁ ନିଜ ଅଧିକୃତ ଜମିରେ ୩/୨୦ ଭାଗ ନୀଳ ଚାଷ କରିବାକୁ ବାଧ୍ୟ ହେଲା ।

ଅନ୍ୟ ଜେଉଁ ଆନ୍ଦୋଳନ ସହିତ ଗାନ୍ଧିଜୀ ନିଜକୁ ଯୋଡିଥିଲେ, ତାହା ଥିଲା ଅହମ୍ମଦାବାଦର ମିଲ ଶ୍ରମିକମାନଙ୍କର ଆନ୍ଦୋଳନ । କାମଶ୍ରମିକ ଏବଂ ମାଲିକମାନଙ୍କ ମଧ୍ୟରେ ଝଗଡାର କାରଣ ଥିଲା 'ପ୍ଲେଗ ବୋନସ୍ ଫେରସ୍ତ ନେବା' । ମହାମାରୀ ସମାପ୍ତ ହେବା ପରେ ମିଲ ମାଲିକମାନେ ବୋନସ ଫେରସ୍ତ ନେଇଥିଲେ ଏବଂ ଶ୍ରମିକ ଯୁଦ୍ଧ ପରେ ମୂଲ୍ୟ ବୃଦ୍ଧି କାରଣରୁ ବୋନସ୍‌ର ଫେରସ୍ତକୁ ବିରୋଧ କରୁଥିଲେ । ଗାନ୍ଧୀଜୀ ଶ୍ରମିକ ଏବଂ ମାଲିକ ଦୁଇପକ୍ଷ ଉପରେ ଚାପ ପ୍ରୟୋଗ କଲେ ଯେ ସେମାନେ ଏକ ନ୍ୟାୟାଧିକରଣ ଟ୍ରିବ୍ୟୁନାଲ ସମକ୍ଷର ସମାଧାନ ମୂଳକ ଚୁକ୍ତିବଦ୍ଧ ହେବେ ।

ମିଲ୍ ମାଲିକମାନେ କେତେକ କାରିଗରମାନଙ୍କ ଦ୍ୱାରା ଡକାଯାଇଥିବା ହରତାଳର ବାହାନା କରି ଅଚାନକ ନିଷ୍ପତିରୁ ଓହରି ଗଲେ ଏବଂ ଘୋଷଣା କଲେ ଯେ ସେ ୨୦% ବୋନସ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଧମକ ଦେଲେ ଯେ ଯେଉଁ ଶ୍ରମିକ ଶୀଘ୍ର କାମକୁ ଫେରି ନ ଆସିବେ, ସେମାନଙ୍କୁ ବରଖାସ୍ତ କରାଯିବ । ଗାନ୍ଧୀଜୀ ଚୁକ୍ତିନାମା ଭଙ୍ଗ ହେବା ଯୋଗୁଁ ବହୁତ



ଟିପ୍ପଣୀ

ଅପମାନିତ ହେଲେ ଏବଂ ସେ ଘୋଷଣା କଲେ ଯେ ଉତ୍ପାଦନ ଖର୍ଚ୍ଚର ଉପଯୁକ୍ତ ଅଧ୍ୟୟନ କରିବା ପରେ ଏହି ନିଷ୍କର୍ଷ ଆସିଲା କି ଶ୍ରମିକମାନଙ୍କର ବେତନରେ ୩୫ ବୃଦ୍ଧି କରିବା ଦାବି ନ୍ୟାୟପୂର୍ଣ୍ଣ ଥିଲା । ମିଲ ମାଲିକମାନେ ସାବରମତୀ ସ୍ଥିତ ତାଙ୍କର ଆଶ୍ରମକୁ ଖୋଲା ହୃଦୟରେ ଦାନ ଦେଇଗଲେ, ସେମାନଙ୍କ ମଧ୍ୟରୁ ଜଣେ ଅମ୍ବାଲାଲ ସରାଭାଇ ନାମକ ଯିଏ ଗାନ୍ଧୀଜୀଙ୍କର ଜଣେ ପରମ ମିତ୍ର ସାବରମତିଠାରେ ଥିବା ତାଙ୍କର ଆଶ୍ରମକୁ ଖୋଲା ହୃଦୟରେ ଦାନ କରିଥିଲେ ଏବଂ ତାଙ୍କର ଭଉଣୀ ଅନୁସୂୟା ବେନ ଅହମଦାବାଦରେ ମିଲ ଶ୍ରମିକଙ୍କ ସଂଘର୍ଷରେ ସବୁଠାରୁ ବଡ ସମର୍ଥକ ଥିଲେ । ଏହି ସଂଘର୍ଷରେ ଅନ୍ତିମ ଚରଣରେ ପ୍ରଥମ ଥର ଗାନ୍ଧୀଜୀ ବିରୋଧର ସାଧନ ଭାବରେ ଉପବାସକୁ ବ୍ୟବହାର କଲେ । ଗାନ୍ଧୀଜୀ ଦେଖିଲେ ଯେ ଶ୍ରମିକ ଧୀରେ ଧୀରେ ସେମାନଙ୍କର ମନୋବଳ ହରାଇ ବସିଛନ୍ତି, ଏଇଥିପାଇଁ ସେ ଉପବାସ କରିବା ପାଇଁ ନିର୍ଣ୍ଣୟ ନେଲେ । ସେ ଘୋଷଣା କଲେ କି ଯଦି ଏହି ଆନ୍ଦୋଳନ କ୍ଷୁଧା ଆଡକୁ ଗତି କରିବ ତାହେଲେ ସେ ହେବେ ପ୍ରଥମ ବ୍ୟକ୍ତି ଏବଂ ପରିଶେଷରେ ଏହି ବିଷୟ ଶ୍ରମିକମାନଙ୍କର ୩୫% ବର୍ଦ୍ଧିତ ଘୋଷଣାରେ ସମାଧାନ ହେଲା ।

ତୃତୀୟ ଆନ୍ଦୋଳନ ଖଡାର କୃଷକମାନଙ୍କର ଥିଲା, ଯେଉଁମାନଙ୍କର ଫସଲ ନଷ୍ଟ ହୋଇ ଯାଇଥିଲା ଏବଂ ସେମାନେ ସରକାରଙ୍କଠାରୁ ଭୂରାଜସ୍ୱ ରିହାତି ପାଇପାରିଲେ ନାହିଁ । ସର୍ବପ୍ରଥମେ ଏହି ପରିସ୍ଥିତିର ଜାଞ୍ଚ କରାଗଲା, ଯାହା ସମସ୍ତ ଗାନ୍ଧୀ ଆନ୍ଦୋଳନର ମାନଦଣ୍ଡ ଥିଲା । କୃଷି ଉତ୍ପାଦନକୁ ଆକଳନ କରାଗଲା ଏବଂ ଏହା ସ୍ଥିର ହେଲା ଯେ କୃଷି ଉତ୍ପାଦନର ଏକ ତୃତୀୟାଂଶ କମ୍ ହେଲେ କୃଷକ ସମ୍ପୂର୍ଣ୍ଣ ଭୂରାଜସ୍ୱ ରିହାତି ପାଇବା ଯୋଗ୍ୟ ହେବ । ଗାନ୍ଧୀଜୀ କୃଷକମାନଙ୍କୁ ଖଜଣା ଦେବା ବନ୍ଦ କରିବାକୁ ପରାମର୍ଶ ଦେଲେ । ବଲ୍ଲଭ ଭାଇ ପଟେଲ ଏବଂ ଇନ୍ଦୁଲାଲ ଯାଜନିକ ଗାନ୍ଧୀଜୀଙ୍କର ଖେଡା ଜିଲ୍ଲା ଗ୍ରାମ ପରିଦର୍ଶନର ବ୍ୟବସ୍ଥା କରି କୃଷକମାନଙ୍କୁ ଦୃଢ଼ ରହିବାକୁ ପରାମର୍ଶ ଦେଇ ତାଙ୍କର ସହାୟତା କରିଥିଲେ । ସରକାର କୃଷକମାନଙ୍କର ପଶୁ ଅପହରଣ କରି, ଗୃହୋପକରଣ ବାଜ୍ୟାପ୍ତ କରି ଏପରିକି ଉଭା ଫସଲକୁ ନଷ୍ଟ କରି ଦୃଢ଼ଭାବରେ ଦମନ ଲୀଳା ଆରମ୍ଭ କରିଦେଲେ । ଏକ ସାହସିକ ଲଢ଼େଇ କରି ସେମାନେ ବ୍ରିଟିଶ୍‌ର ଦମନମୂଳକ କାର୍ଯ୍ୟରେ ନିଷ୍ପେଷିତ ହେଲେ । ସେହି ସମୟରେ ଗାନ୍ଧୀଜୀ ଜାଣିବାକୁ ପାଇଲେ ଯେ ସରକାର ଯେଉଁମାନେ ଖଜଣା ପଇଠ କରିବା ସକ୍ଷମ ବ୍ୟକ୍ତିଙ୍କ ନିକଟରୁ ଖଜଣା ଅସୁଲ ହେବ ବୋଲି ନିର୍ଦ୍ଦେଶ ଦେଇ ଏକ ବୁଝାମଣା କରିବାକୁ ଚାହୁଁଛନ୍ତି । ଗାନ୍ଧୀଜୀ ଧନୀକ କୃଷକମାନଙ୍କୁ ଖଜଣା ନ ଦବା ପାଇଁ ପରାମର୍ଶ ଦେଲେ ଯାହା ଫଳରେ ଦରିଦ୍ର କୃଷକମାନେ କଷ୍ଟ ଭୋଗ କରିବେ ନାହିଁ । କିନ୍ତୁ ସରକାରୀ ନିର୍ଦ୍ଦେଶର ସ୍ପଷ୍ଟୀକରଣ ପାଇବା ପରେ ସେ ଏହି ଆନ୍ଦୋଳନ ବନ୍ଦ କରିଦେଲେ ।

୧୯୧୬-୧୯୧୭ରେ ହୋଇଥିବା ଚମ୍ପାରନ, ଅହମ୍ମଦାବାଦ ଏବଂ ଖେଡା ଆନ୍ଦୋଳନର ପରିଣାମ ଏପରି ହେଲାକି ଗାନ୍ଧୀଜୀ ତାଙ୍କର ସତ୍ୟାଗ୍ରହ ଅହିଂସାତ୍ମକ ଶୈଳୀରେ ପରିଚାଳନା କରିବାକୁ ସକ୍ଷମ । ଏହି ଆନ୍ଦୋଳନ ତାଙ୍କୁ ପରିସ୍ଥିତିକୁ ପରଖିବାରେ ସହାୟତା ହୋଇଥିଲା । ସେ ତାଙ୍କ ନିଜର ଅନୁଗାମୀମାନଙ୍କର ଏମିତି ଏକ କେନ୍ଦ୍ରୀୟ ସମୂହ ଗଠନ କଲେ, ଯାହା ତାଙ୍କର ସହାୟତା କରିପାରିବେ ଏବଂ ଭାବୀ ଆନ୍ଦୋଳନରେ ତାଙ୍କର ନିର୍ଦ୍ଦେଶ ପାଳନ କରିପାରିବେ । ଏହି ଆନ୍ଦୋଳନରେ ଗାନ୍ଧୀଜୀ ପରସ୍ପର ବିରୋଧାଭାବ ଥିବା ମିଲ ମାଲିକ ଏବଂ ଶ୍ରମିକଙ୍କ ମଧ୍ୟରେ ବୁଝାମଣା କରିବାରେ ନିଜର ବିଶିଷ୍ଟ ପ୍ରତିଭା ପ୍ରଦର୍ଶନ କରି ଏମାନଙ୍କ ମଧ୍ୟରୁ ଗୋଟିଏ

ପକ୍ଷ ସହିତ ମିତ୍ରତା ରଖି ସେମାନଙ୍କ ଭଳି ଅନ୍ୟ ବର୍ଗମାନଙ୍କର ସେ ବିଶ୍ୱାସ ହାସଲ କରିପାରିଥିଲେ ।

ଗାନ୍ଧୀଜୀଙ୍କ ନେତୃତ୍ୱରେ ଦ୍ୱିତୀୟ ମହତ୍ୱପୂର୍ଣ୍ଣ ଆନ୍ଦୋଳନ ଥିଲା ରାଓଲାଟ ସତ୍ୟାଗ୍ରହ । ଫେବୃୟାରୀ ୧୯୧୯ରେ ଭାରତୀୟମାନଙ୍କର ନାଗରୀକ ସ୍ୱତନ୍ତ୍ରତାକୁ କଠୋରତା ସହିତ ନିୟନ୍ତ୍ରିତ କରିବା ପାଇଁ ଦୁଇଟି ବିଧେୟକ ଆଇନରେ ପରିଣତ କରିବାପାଇଁ ପ୍ରସ୍ତାବ ରଖାଗଲା । ସରକାର ସେହି ଆଇନଗୁଡିକ ପାରିତ କରିବାକୁ ଚାହୁଁଥିଲେ ଯାହା ଦ୍ୱାରା ସେମାନେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର ବର୍ଦ୍ଧମାନ ଜୁଆରକୁ ରୋକିବାକୁ ସକ୍ଷମ ହୋଇପାରିବେ । ଏହି ଆଇନ ପ୍ରଣୟନ ହେଲେ ଏହା ଦ୍ୱାରା ବିନା ମକଦ୍ଦମାରେ ଗିରଫଦାର୍ କରିବା ତଥା ଦଣ୍ଡ ଦେବା ପାଇଁ ନିରଙ୍କୁଶ କ୍ଷମତା ମିଳି ପାରିବ । ପ୍ରକୃତରେ ଏହା ମଧ୍ୟରୁ  ଗୋଟିଏ ବିଧେୟକକୁ କାଉନ୍‌ସିଲ୍‌ରେ ନିର୍ବାଚିତ ଭାରତୀୟ ସଦସ୍ୟଙ୍କ ବିରୋଧ ସତ୍ୱେ ପାରିତ କରି ଆଇନ ବନାଇ ଦିଆଯାଇଥିଲା । ସ୍ୱତନ୍ତ୍ରତା ଉପରେ ଏ ପ୍ରକାର ପ୍ରତିବନ୍ଧକକୁ ଯୁଦ୍ଧ ପରେ ପରେ ଲୋକମାନେ ପ୍ରାୟ ସ୍ୱୀକାର କରିନେଇଥାନ୍ତେ । ମାତ୍ର ଯୁଦ୍ଧର ପରିସମାପ୍ତି ଆହୁରି ଅଧିକ ସମ୍ବିଧାନିକ ସଂସ୍କାର ଏବଂ ସମ୍ପୂର୍ଣ୍ଣ ସ୍ୱାୟତ୍ତ ଶାସନ ନହେଲା ନାହିଁ ଖୁବ୍ କମ୍‌ରେ ଆପଣାର  ସମ୍ବଳରେ ଭାରତୀୟମାନଙ୍କୁ ନିଜର ଅଧିକାଧିକ ନିୟନ୍ତ୍ରଣର ଆଶା ଜଗାଇ ଦେଇଥିଲା ।

କାଉନସିଲର ସଦସ୍ୟ ଏବଂ ଅନ୍ୟ ଲୋକମାନଙ୍କର ବିରୋଧର ବିଫଳତାକୁ ଦେଖିବାପରେ ଗାନ୍ଧୀଜୀ ସତ୍ୟାଗ୍ରହ ଆରମ୍ଭ କରିଦେଲେ । ଏକ ସତ୍ୟାଗ୍ରହ ସଭା ଗଠନ କରାଗଲା, ଯାହାର ଅନେକ ସଦସ୍ୟ ହୋଇ ଯାଇଥିଲେ । ଏହା ନିର୍ଣ୍ଣୟ ନିଆଗଲା ଯେ ଏହି ଅଧିନିୟମର ବିରୋଧ କରିବା ପାଇଁ ଏକ ରାଷ୍ଟ୍ରବ୍ୟାପୀ ହରତାଳ କରାଯିବ ଏବଂ ଉପବାସ ତଥା ପ୍ରାର୍ଥନାମାନ ଆୟୋଜିତ କରାଯିବ । କେତେକ ଆଇନ ବିରୋଧରେ ସବିନୟ ଅବଜ୍ଞା ଆନ୍ଦୋଳନ ମଧ୍ୟ କରାଗଲା । ରାଓଲାତ ସତ୍ୟାଗ୍ରହ, ଗାନ୍ଧୀଜୀଙ୍କର ମାର୍ଗ ଦର୍ଶନରେ ପରିଚାଳିତ ପ୍ରଥମ ବ୍ୟାପକ ଅଖିଳ ଭାରତୀୟ ବିରୋଧ-ପ୍ରଦର୍ଶନ ଥିଲା । ଭାରତର ଜନସାଧାରଣ ବ୍ରିଟିଶ ଶାସନ ବିରୋଧରେ ବଡ ସଂଖ୍ୟାରେ ଏକଜୁଟ ହୋଇ ବିରୋଧ ପ୍ରଦର୍ଶନ କଲେ ଏବଂ ହରତାଳ ହିଂସାତ୍ମକ ହୋଇଗଲା । ୬ ଅପ୍ରେଲ ୧୯୧୯ର ଦିନ ହରତାଳ ନିମିତ୍ତ ନିର୍ଦ୍ଧାରିତ କରାଗଲା । ପରନ୍ତୁ କେତେକ ଭ୍ରମ ହେତୁ ଦିଲ୍ଲୀରେ ଏହି ହରତାଳ ୩୦ ମାର୍ଚ୍ଚରେ କରାଗଲା ଏବଂ ଏଥିରେ ଗଳି ଗଳିରେ ଲଢ଼େଇ ପ୍ରାରମ୍ଭ ହେଲା । ଜବରଦସ୍ତ ଚୟନ (ଭର୍ତ୍ତୀ) ଏବଂ ବ୍ୟାପକ ଭାବେ ବିସ୍ତାରିତ ରୋଗ ତଥା ଅନ୍ୟାନ୍ୟ କଠିନ ବ୍ୟାପାର ଯୋଗୁଁ ପଞ୍ଜାବ ଯୁଦ୍ଧ ପରବର୍ତ୍ତୀ ସମୟରେ ଅତ୍ୟନ୍ତ କଠୋର ଉତ୍ପୀଡନର ସମ୍ମୁଖୀନ ହେଲା । ଅମୃତଶର ଏବଂ ଲାହୋର ଏହି ଆନ୍ଦୋଳନର କେନ୍ଦ୍ର ଥିଲା । ଗାନ୍ଧୀଜୀ ପଞ୍ଜାବ ଯାଇ ଏହି ଆନ୍ଦୋଳନକୁ ଫେରାଇ ନେବାକୁ ଓ ଏହାକୁ ଅହିଂସା ସତ୍ୟାଗ୍ରହ ରାସ୍ତାରେ ନେଇ ଯିବା ପାଇଁ ପ୍ରୟାସ କଲେ । ପରନ୍ତୁ ବ୍ରିଟିଶ ସରକାର ଦ୍ୱାରା ଗାନ୍ଧୀଜୀଙ୍କୁ ପଞ୍ଜାବରେ ପ୍ରବେଶ କରିବା ପାଇଁ ଅଟକାଇ ଦିଆଗଲା ତଥା ତାଙ୍କୁ ବମ୍ବେ ଫେରାଇ ଦିଆଗଲା । ବମ୍ବେ ଏବଂ ଅହମଦାବାଦରେ ମଧ୍ୟ ସେହି ସମୟରେ ଅଶାନ୍ତି ଚାଲିଥିଲା ଏବଂ ଗାନ୍ଧିଜୀ ଏଠାରେ ମଧ୍ୟ ଆନ୍ଦୋଳନକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କଲେ ।

ଯେତେବେଳେ ପଞ୍ଜାବରେ ଦୁଇଜଣ ସ୍ଥାନୀୟ ନେତାଙ୍କୁ ଗିରଫ କରାଗଲା, ସେତେବେଳେ ସେଠାରେ ଘଟଣା ଚରମ ସ୍ଥରରେ ପହଞ୍ଚି ଥିଲା । ପରିଣାମ ସ୍ୱରୂପ ଟାଉନହଲ ଏବଂ ଡାକଘର





ଉପରେ ମଧ୍ୟ ଆକ୍ରମଣ ହେଲା । ରାଷ୍ଟ୍ରବାଦୀ ଆନ୍ଦୋଳନ ମଧ୍ୟରେ ବିରୋଧ କରିବାର ସବୁଠାରୁ ଲୋକପ୍ରିୟ ଉପାୟ ଥିଲା ବ୍ରିଟିଶ ସରକାରଙ୍କର ପ୍ରତୀକ ଉପରେ ଆକ୍ରମଣ କରିବା । ତେଣୁ ଟେଲିଗ୍ରାଫ ତାର କାଟି ଦିଆଗଲା, ଡାକଘର ଉପରେ ଆକ୍ରମଣ ହେଲା ଏବଂ ଇଉରୋପୀୟମାନଙ୍କ ତଥା ମହିଳାମାନଙ୍କ ଉପରେ ଆକ୍ରମଣ କରାଗଲା । ସରକାର ସେନାବାହିନୀକୁ ଡକାଗଲା ତଥା ବୈଠକ କରିବା ଓ ଏକଜୁଟ ହେବା ଉପରେ କଟକଣା ଜାରି କରାଗଲା ।

୧୩ ଏପ୍ରିଲ ୧୯୧୯କୁ ବୈଶାଖୀ ଦିନରେ ଅମୃତଶରର ଜାଲିଓ୍ୱାଲାବାଗରେ ଜେନେରାଲ ଡାୟାରଙ୍କର ଆକ୍ରୋସ ଦେଖା ଯାଇଥିଲା । ସେ ଏହି ସହରର ପ୍ରଭାରୀ ଦାୟିତ୍ୱରେ ଥିଲେ । ସର୍ବ ସାଧାରଣ ସଭାଗୁଡିକ ଉପରେ ପ୍ରତିବନ୍ଧକ ଲଗାଯିବା ସତ୍ତ୍ୱେ ଲୋକମାନଙ୍କ ଦ୍ୱାରା ଏହି ନିୟମର ଉଲଘଂନ କରିବା ଫଳରେ ଆକ୍ରମଣ ପାଇଁ ଆଦେଶ ଦେଇଦେଲେ । ନିରସ୍ତ୍ର, ଅସହାୟ ଜନତାଙ୍କ ଉପରେ ଆକ୍ରମଣ କରାଗଲା ଏବଂ ତାଙ୍କର ସେନା ଲଗାତାର ୧୦ ମିନିଟ ଧରି ଗୋଳି ବର୍ଷଣ କରି ସେମାନଙ୍କ ବାରୁଦ ପରିଶେଷ ହେବା ପରେ ବନ୍ଦ କଲେ ।

ଗୁଳି ବର୍ଷଣ ପୂର୍ବରୁ କୌଣସି ଚେତାବନୀ ଦିଆ ଯାଇ ନଥିଲା ଏବଂ ଏଠାରୁ ବାହାରିବା ପାଇଁ କୌଣସି ରାସ୍ତା ନଥିଲା । କେବଳ ଏକମାତ୍ର ମୁଖ୍ୟ ଦ୍ୱାର ଥିଲା ଯେଉଁଠାରେ ଡାୟାରଙ୍କ ଲୋକମାନେ ସେମାନଙ୍କର ତୋପ ଧରି ଛିଡା ହୋଇଥିଲେ, କାରଣ ଜାଲିଆନାଓ୍ୱାଗର ଚାରିପଟେ ପାଚେରୀ ଘେରା ହୋଇଥିଲା । କଞ୍ଜରଭେଟିଭ ସରକାରଙ୍କ ଅନୁମାନ ଅନୁସାରେ ଏହି ଘଟଣାରେ ୩୭୯ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏହି ହିଂସ୍ର ଘଟଣା ଘରେ ଆହୁରି ଅନେକ ବର୍ବରତା ସହିତ ଦମନମାନ ଘଟିଥିଲା ।

## ପାଠଗତ ପ୍ରଶ୍ନ-୨୧.୫

୧. ୧୯୧୬-୧୯୧୭ ମଧ୍ୟରେ ଗାନ୍ଧିଜୀ ନିଜର ଅହିଂସାତ୍ମକ ସତ୍ୟାଗ୍ରହର ପ୍ରୟୋଗ କେଉଁ ଆନ୍ଦୋଳନ କରିଥିଲେ ?

..............................................................................................

୨. ରାଓଲାଟ ସତ୍ୟାଗ୍ରହ କେବେ ଆରମ୍ଭ ହୋଇଥିଲା ?

..............................................................................................

୩. ରାଷ୍ଟ୍ରୀୟ ଆନ୍ଦୋଳନରେ ୧୯୧୯ ବୈଶାଖୀ ଦିନର କ'ଣ ମହତ୍ୱ ଅଛି ?

..............................................................................................

## ୨୧.୬ ଅହିଂସାତ୍ମକ ଅସହଯୋଗ

ଜାଲିଓ୍ୱାନାଓ୍ୱାଗ ଗଣ ସଂହାର ପରେ ପଞ୍ଜାବରେ ମାର୍ଶାଲ ଆଇନ ଲାଗୁ କରି ଦିଆଯାଇଥିଲା । ଭାରତୀୟମାନଙ୍କ ସହିତ ଅମାନବୀୟ ବ୍ୟବହାର କରାଗଲା । ଉଦାହରଣସ୍ୱରୂପ ଯେଉଁ ଗଳିରେ ଇଉରୋପୀୟ ମହିଳାମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା, ସେଠାରେ ଲୋକମାନଙ୍କୁ

ପେଟରେ ଆଣ୍ଠେଇ ଆଣ୍ଠେଇ ଯିବା ପାଇଁ ବାଧ୍ୟ କରାଗଲା । ଯଦିଚ ରାଓଲାଟ ସତ୍ୟାଗ୍ରହ ପ୍ରତ୍ୟାହାର କରାଯାଇଥିଲା ତଥାପି ବ୍ରିଟିଶ ଶାସନ ପ୍ରତି ଜନତାଙ୍କ ଆଭିମୁଖ୍ୟ ଅଧିକରୁ ଅଧିକ ତିକ୍ତ ହେଉଥିଲା । ୧୯୧୯ର ମଣ୍ଟେଗୁ ଚେମସ୍ ଫର୍ଡ ସଂସ୍କାର ସେହି ଲୋକମାନଙ୍କର ଆଶାକୁ ହତୋତ୍ସାହିତ କରିଥିଲା । ଯେଉଁମାନେ ସେତେବେଳ ପର୍ଯ୍ୟନ୍ତ ଔପନିବେଶିକ ସରକାରଙ୍କର ଭାଗ୍ୟ ଉପରେ ଏପରି ବିଶ୍ୱାସ ଥିଲା କି ଏହି ଭାରତୀୟ ସରକାରରେ ଭାଗିଦାରୀ ଦ୍ୱାରା ସେମାନଙ୍କୁ ସଂସ୍କାର ଆଣିବାର ସମୟ ଦିଆଯିବ ।

ଏହି ଘଡିସନ୍ଧି ସମୟରେ ଜାଗରୁକ ମୁସଲମାନ ନେତାମାନଙ୍କର ଏକ ବୃହତ୍ତବର୍ଗ ଆଗକୁ ଆସିଗଲେ ଯେଉଁମାନେ ବ୍ରିଟିଶ ସରକାରଙ୍କର ଅସନ୍ତୁଷ୍ଟର ପ୍ରମୁଖ କାରଣ ଥିଲା । ଏହି ମୁସଲମାନମାନେ ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀ ସହିତ ହୋଇଥିବା ଅମାନବୀୟ ବ୍ୟବହାରରେ ଅସନ୍ତୁଷ୍ଟ ଥିଲେ । ସମ୍ପୂର୍ଣ୍ଣ ବିଶ୍ୱର ମୁସଲମାନ ତୁର୍କୀର ଖଲିଫାଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଗୁରୁ ଭାବରେ ଅଗ୍ରଭାଗରେ ରଖିଥିଲେ ଏବଂ ତାଙ୍କୁ ଏହା ଆଶ୍ୱାସନା ଦିଆ ଯାଇଥିଲା ଯେ ତୁର୍କୀ ଏବଂ ଏହାର ମିତ୍ର ରାଷ୍ଟ୍ରମାନଙ୍କର ପରାସ୍ତ ପରେ ମଧ୍ୟ ଖଲିଫାଙ୍କ ସହିତ ନରମ ବ୍ୟବହାର କରାଯିବ । ପରନ୍ତୁ ଯୁଦ୍ଧ ପରେ ତୁର୍କୀ ସହିତ ବୁଝାମଣାରେ ଖଲିଫାଙ୍କର ଶକ୍ତିକୁ ସମ୍ପୂର୍ଣ୍ଣ ଭାବରେ ପରସମାପ୍ତ କରାଗଲା ।

ବିଷୟ ସମ୍ମୁଖକୁ ଆସିଲା ଯେତେବେଳେ ଜାଲିଓ୍ୱାନାଓ୍ୱାଗ ବିଷୟ ଉପରେ ସରକାରଙ୍କ ଦ୍ୱାରା ନିଯୁକ୍ତ ହଣ୍ଟର କମିଟି ତାର ରିପୋର୍ଟ ଉପସ୍ଥାପନା କଲା । ଉକ୍ତ ରିପୋର୍ଟରେ ସେମାନେ ଜେନେରାଲ ଡାୟାରଙ୍କର କାର୍ଯ୍ୟ ଏବଂ ଅନ୍ୟ ସମସ୍ତ ପ୍ରକାର ଦମନକାରୀ କାର୍ଯ୍ୟକୁ ସମର୍ଥନ ଦିଆଯାଇଥିଲା । ଏହି ରିପୋର୍ଟ ଫଳରେ ସମସ୍ତ ଭାରତୀୟ ନେତୃବର୍ଗଙ୍କ କ୍ରୋଧ ବଢିଗଲା ଏବଂ ଆସନ୍ତା ବିରୋଧ ଆନ୍ଦୋଳନ ପାଇଁ ପରିବେଶ ପରିପକ୍ୱ ହୋଇ ଯାଇଥିଲା । ଠିକ୍ ଏହି ସମୟରେ ଗାନ୍ଧିଜୀ ଏକ ଅହିଂସା, ଅସହଯୋଗ ଆନ୍ଦୋଳନର ଆବଶ୍ୟକତା ଉପଲବ୍ଧି କଲେ । ଅସହଯୋଗ ଆନ୍ଦୋଳନ ଥିଲା ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତୀୟ ଜନତାର ସମସ୍ତ ବର୍ଗଙ୍କର ବର୍ଦ୍ଧିତ ଅସନ୍ତୋଷର ଏକ ପରିପ୍ରକାଶ । ଗାନ୍ଧିଜୀ ତିନୋଟି ପ୍ରମୁଖ ବିଷୟଗୁଡ଼ିକୁ ଚୟନ କରିଥିଲେ ଯାହା ଉପରେ ଏହି ଆନ୍ଦୋଳନ ପର୍ଯ୍ୟବଶିତ ଥିଲା । (କ) ଖିଲାଫତର ତୃଟି (ଖ) ପଞ୍ଜାବ ତୃଟି ଏବଂ (ଗ) ସ୍ୱରାଜ ।

ନଭେମ୍ବର ମାସ ୨୨-୨୩ ୧୯୧୯ରେ ଅଲ୍ଲି ଭାତୃଦ୍ୱୟ (ମହମ୍ମଦ ଏବଂ ସଉକତ)ଙ୍କ ଉଦ୍ୟମ ଦ୍ୱାରା ଅଖିଳ ଭାରତୀୟ ଖିଲାପତ ସମ୍ମିଳନୀ ଦିଲ୍ଲୀଠାରେ ଆହୁତ ହୋଇଥିଲା । ଖିଲାଫତ କନଫେରେନସର ଏଲାହାବାଦ ବୈଠକରେ ଚାରିଟି ସୋପାନରେ ଅସହଯୋଗର ଘୋଷଣା କରାଗଲା,ସେଗୁଡିକ ଥିଲାସିଭିଲ ସେବାରେ ଉପାଧିଗୁଡିକର ବହିଷ୍କାର, ପୋଲିସ ଏବଂ ସେନାର ବହିଷ୍କାର ଏବଂ ପରିଶେଷରେ ଖଜଣା ପଇଠ ନକରିବା ସିଦ୍ଧାନ୍ତ । ଏହାପରେ ଗାନ୍ଧିଜୀ କଂଗ୍ରେସ ସଦସ୍ୟମାନଙ୍କୁ ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଅନୁରୋଧ କଲେ । ସେପ୍ଟେମ୍ବର ୧୯୨୦ରେ କଲିକତାର ଐତିହାସିକ ବିଶେଷ ଅଧିବେଶନରେ କଂଗ୍ରେସ ଉପାଧିମାନ ତ୍ୟାଗ କରିବା, ସ୍କୁଲ, ଅଦାଲତ ଏବଂ କାଉନସିଲକୁ ବହିଷ୍କାର କରିବା ଏବଂ ବିଦେଶୀ ଦ୍ରବ୍ୟମାନ ବର୍ଜନ କରିବା କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେଲା । ଏହି ବର୍ଜନ କାର୍ଯ୍ୟ ସହିତ ରାଷ୍ଟ୍ରୀୟ ସ୍କୁଲ ଖୋଲିବା ଏବଂ ସରକାରଙ୍କର ନ୍ୟାୟିକ ପ୍ରଣାଳୀର ସହାୟତା ବିନା ମକଦ୍ଦମାଗୁଡିକ ଫଇସଲା



ଟିପ୍ପଣୀ

କରିବା ପାଇଁ ସ୍ୱଦେଶୀ ଅଦାଲତ ଖୋଲିବା ତଥା ଖଦୀକୁ ଆପଣେଇବା ପାଇଁ ନିର୍ଣ୍ଣୟ ନିଆଗଲା । ଡିସେମ୍ବର ୧୯୨୦ ନାଗପୁର କଂଗ୍ରେସରେ ବରିଷ୍ଠ କଂଗ୍ରେସୀ ବଙ୍ଗାଳୀ ନେତା ଚିତ୍ତରଞ୍ଜନ ଦାସ ଏହି ଆନ୍ଦୋଳନକୁ ତାଙ୍କର ସମର୍ଥନ ଦେଲେ । ଯଦିଚ ଔପଚାରିକ ଭାବରେ ଏହି ଆନ୍ଦୋଳନର ଶୁଭାରମ୍ଭ ୧ ଅଗଷ୍ଟ ୧୯୨୦ରେ ହୋଇଥିଲା, ଏହା କଂଗ୍ରେସ ନେତାମାନଙ୍କ ସମର୍ଥନରେ ଏକ ନୂତନ ଦିଗଦର୍ଶନ ମିଳିଲା ଏବଂ ଜାନୁୟାରୀ ୧୯୨୧ରେ ଏହା ଏକ ଶକ୍ତିଶାଳୀ ରୂପ ଧାରଣ କଲା । ଏକ ମାସ ମଧ୍ୟରେ ବହୁ ସଂଖ୍ୟାରେ ବିଦ୍ୟାର୍ଥୀମାନେ ସରକାରୀ ସହାୟତା ପ୍ରାପ୍ତ ସ୍କୁଲ ଏବଂ କଲେଜ ଛାଡ଼ି ଦେଶର ବିଭିନ୍ନ ପ୍ରାନ୍ତରରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସଂସ୍ଥାମାନଙ୍କରେ ପ୍ରବେଶ ହୋଇଗଲେ ।

ସି.ଆର. ଦାସ, ମୋତିଲାଲ ନେହେରୁ, ସୈଫୁଦ୍ଦିନ ବିଚଲ୍ୟୁ, ବଲ୍ଲଭ ଭାଇ ପଟେଲ, ସି.ରାଜଗୋପାଳଚାରୀ, ଆସଫ ଅଲ୍ଲି ଇତ୍ୟାଦି ଅନେକ ଲବ୍ଧପ୍ରତିଷ୍ଠ ଓକିଲମାନେ ସେମାନଙ୍କର ଆକର୍ଷଣୀୟ ପେଶା ବନ୍ଦ କରିଦେଲେ । ସେମାନଙ୍କର ମହାନତ୍ୟାଗ ସାଧାରଣ ଜନତାଙ୍କୁ ଅନୁପ୍ରାଣିତ କଲା । ବିଦେଶୀ ଦ୍ରବ୍ୟ ବର୍ଜନ, ବିଦେଶୀ ବସ୍ତ୍ର ବିକ୍ରି ହେଉଥିବା ଦୋକାନ ଆଗରେ ଧାରଣା ଭଳି ଆହୁରି ଅନେକ ଉପାୟ ଅବଲମ୍ବନ କରାଗଲା । ଚରଖା ବିତରଣ କରିବା ଆରମ୍ଭ ହେଲା ଏବଂ ହାତବୁଣା ଲୁଗା ଜାତୀୟବାଦୀମାନଙ୍କ ମଧ୍ୟରେ ଆଦୃତ ହେଲା । ଜାତୀୟବାଦୀ ଖବରକାଗଜମାନ ବିଦେଶୀ ଦ୍ରବ୍ୟର ଅଗ୍ନି ସଂଯୋଗ କରିବା ପାଇଁ ଲୋଗମାନଙ୍କ ଆମନ୍ତ୍ରଣ କରି ବିଜ୍ଞାପନମାନ ଛପାଇଲେ । ଏହା ଫଳରେ ଭାରତକୁ ଲୁଗା ରପ୍ତାନିର ମୂଲ୍ୟ ଅନେକ ପରିମାଣରେ କମିଗଲା । ଲୁଗା ଦୋକାନ ସହିତ ପ୍ରଥମ ଥର ପାଇଁ ମଦ ଦୋକାନଗୁଡ଼ିକ ଆଗରେ ଧାରଣାମାନ ଆରମ୍ଭ ହୋଇଗଲା ।

ବ୍ରିଟିଶ ସରକାରଙ୍କୁ ଚେତାବନୀ ଦେବାପାଇଁ ଜୁଲାଇ ୧୯୨୧ରେ ମହମ୍ମଦ ଅଲ୍ଲୀ ବ୍ରିଟିଶ ଇଣ୍ଡିଆ ଆର୍ମିରେ କାମ କରୁଥିବା ସମସ୍ତ ମୁସଲମାନମାନଙ୍କୁ ଅନୁରୋଧ କଲେ ଏବଂ ଘୋଷଣା କଲେ ଯେ ସେମାନେ ଚିନ୍ତା କରିବା ଉଚିତ୍ ଯେ ସେମାନେ ବ୍ରିଟିଶ ସେନାର ଅଂଶ ହେବା ଅନୈତିକ ଅଟେ ଏବଂ ସେମାନେ ତତ୍‌କ୍ଷଣାତ୍ କାମ ବନ୍ଦ କରିଦେବା ଉଚିତ୍ । ତାଙ୍କୁ ତତକ୍ଷଣାତ ଗିରଫ କରାଗଲା । ଏହି ଆହ୍ୱାନକୁ କଂଗ୍ରେସ ଏବଂ ଗାନ୍ଧିଜୀ ସ୍ୱୀକାର କଲେ । ଗୋଟିଏ ଘୋଷଣାପତ୍ର ଜାରି କରାଗଲା, ଯେଉଁଥିରେ ସମସ୍ତ ଜନତା (ସର୍ବ ସାଧାରଣ ଏବଂ ସୈନିକ)ଙ୍କୁ ବ୍ରିଟିଶ ସେନାରୁ ସମସ୍ତ ସମ୍ବନ୍ଧ ପରିତ୍ୟାଗ କରିବାକୁ ଆହ୍ୱାନ କରାଗଲା । ଏହିସବୁ ସମସ୍ୟା ମଧ୍ୟରେ ନଭେମ୍ବର ୧୯୨୫ରେ ପ୍ରିନସ-ଅଫ-ୱେଲସ ଭାରତ ଆସିଲେ ଏବଂ ବମ୍ବେରେ, ଯେଉଁଠାକୁ ସେ ଆସିଥିଲେ, ସମଗ୍ର ଦେଶରେ ତାଙ୍କୁ ହରତାଳ ଦ୍ୱାରା ସ୍ୱାଗତ କରାଗଲା । ଗାନ୍ଧିଜୀ ପ୍ରିନସ୍-ଓଫ-ୱାଲସଙ୍କ ଆଗମନ ଦିନଟିକୁ ଏକ ବୃହତ୍ ବୈଠକକୁ ସମ୍ବୋଧିତ କଲେ । ବ୍ରିଟିଶ ବିରୋଧୀ ଭାଷଣ ଏତେ ମାତ୍ରାରେ ପ୍ରବଳ ଥିଲା ଯେ ବୈଠକ ସ୍ଥଳକୁ ଯାଇଥିବା ଲୋକମାନଙ୍କର ପ୍ରିନସ୍-ଓଫ-ୱାଲସଙ୍କ ସ୍ୱାଗତ ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ଯାଇଥିବା ଲୋକଙ୍କ ସହିତ ମୁହାଁ ମୁହିଁ ହେବାକ୍ଷଣି ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି ହେଲା । ଏପରି କ୍ରୋଧକୁ ପ୍ରଶମିତ କରିବା ପାଇଁ ଗାନ୍ଧିଜୀ ଚାରିଦିନ ଉପବାସରେ ଚାଲିଗଲେ ।

ଅସହଯୋଗ ଆନ୍ଦୋଳନ ଧୀରେ-ଧୀରେ ଶକ୍ତିଶାଳୀ ହେଉଥିଲା । ବଙ୍ଗଳାର ମିଦନାପୁର ଜିଲ୍ଲାରେ ୟୁନିୟନ ବୋର୍ଡର କର ବିରୁଦ୍ଧରେ ଏକ ଆନ୍ଦୋଳନ ଆୟୋଜିତ କରାଗଲା ଏବଂ





ଆନ୍ଧ୍ରପ୍ରଦେଶରେ ମଧ୍ୟ କୌଣସି କର ନଦେବା ଆନ୍ଦୋଳନ ଆୟୋଜିତ କରାଗଲା । ଗାନ୍ଧିଜୀଙ୍କ ଯୋଜନାରେ କର ନଦେବା ପାଇଁ ମନାକରିବା ଭଳି ସମ୍ପୂର୍ଣ୍ଣ ଶେଷ ଚରଣରେ ଚରମପଦକ୍ଷେପ ହେବା କଥା । ଉତ୍ତର ପ୍ରଦେଶର ଅବଧ କ୍ଷେତ୍ରରେ କିଶାନ ଆନ୍ଦୋଳନ କିଶାନ-ସଭାମାନଙ୍କ ଜରିଆରେ ଜୋର ଧରିଥିଲା ଯାହା ଆହୁରି ବ୍ୟବସ୍ଥିତ ରୂପ ଧାରଣ କରୁଥିଲା ଏବଂ ଏହା ବ୍ରିଟିଶ ଶାସନ ପ୍ରତି ଏକ ବଡ ବିପଦ ସୃଷ୍ଟି କରୁଥିଲା ।

ଔପନିବେଶିକ ସରକାରର ସ୍ଥିତି ଅଧିକରୁ ଅଧିକ ଦୃଢ଼ ହେଉଥିଲା । ବସ୍ତ୍ର ଉତ୍ପାଦନର ହ୍ରାସ, ଛାତ୍ର, ଓକିଲ, ସରକାରୀ କର୍ମଚାରୀ, ଶ୍ରମିକ, କୃଷକ, କ୍ଷେତ ମଜଦୁରମାନଙ୍କ ଦ୍ୱାରା ପ୍ରଦର୍ଶୀତ ବିରୋଧ ଏବଂ ସେନାଙ୍କୁ ପ୍ରଭାବିତ କରିବାର ପ୍ରୟାସର ପରିଣାମ ସ୍ୱରୂପ ଏହି ଆନ୍ଦୋଳନ, ବିରୁଦ୍ଧରେ ଦମନକାରୀ ଉପାୟମାନ ଅବଲମ୍ବନ କରାଯାଇଥିଲା । ସାର୍ବଜନୀକ ବୈଠକ ଏବଂ ସଭାଗୁଡିକ ଉପରେ କଟକଣା ଲଗାଇ ଦିଆଗଲା । ସମାଚାର ପତ୍ରଗୁଡ଼ିକୁ ଦମନ କରାଗଲା ଏବଂ କଂଗ୍ରେସ ଓ ଖିଲାଫତ କାର୍ଯ୍ୟାଳୟଗୁଡ଼ିକୁ ନିଶାର୍ଦ୍ଧରେ ଅତିର୍କିତ ତଲାସ କରାଗଲା । ଗାନ୍ଧିଜୀଙ୍କ ମାର୍ଗ ଦର୍ଶନରେ କଂଗ୍ରେସ ବର୍ଦ୍ଦଳୀରେ ସିଭିଲ ସବିନୟ ଅବଜ୍ଞା ଆନ୍ଦୋଳନ ଆରମ୍ଭ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଥିଲା । ପରନ୍ତୁ ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାରେ ଚୌରୀ ଚୌରା ସ୍ଥାନରେ ହିଂସାତ୍ମକ ଘଟଣା ଘଟିବା କାରଣ ଏହି ଆନ୍ଦୋଳନକୁ ସମାପ୍ତ କରିଦିଆଗଲା । ପୋଲିସ ଦ୍ୱାରା ବିରୋଧ କରିବା ଫଳରେ ଖିଲାଫତ ଏବଂ କଂଗ୍ରେସର ଶୋଭାଯାତ୍ରା ହିଂସ୍ର ହୋଇଉଠିଲା ଏବଂ ସେମାନେ ପୋଲିସ ଉପରେ ଆକ୍ରମଣ କରିଦେଲେ । ପୋଲିସମାନେ ଥାନାରେ ଶରଣ ନେବା ପାଇଁ ଚେଷ୍ଟା କଲେ ପରନ୍ତୁ କ୍ରୋଧିତ ଜନତା ଥାନାରେ ନିଆଁ ଲଗାଇ ଦେଲେ ଏବଂ ଯେଉଁ ପୋଲିସ ଅଗ୍ନିରୁ ବଞ୍ଚିବା ପାଇଁ ବାହାରକୁ ଆସିଲେ ସେମାନଙ୍କୁ ମାରପିଟ କରି ହତ୍ୟା କରାଗଲା । ସେଠାରେ ୨୨ ଜଣ ପୋଲିସ ମୃତ୍ୟୁ ବରଣ କଲେ । ଏହି ଘଟଣା ୫ ଫେବୃୟାରୀରେ ଘଟିଲା ଏବଂ ୧୨ ତାରିଖରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରିନେଲେ । ଉକ୍ତ ପ୍ରତ୍ୟାହାର ପ୍ରମାଣିତ କରି ଦେଲା ଯେ ଏପରି ସ୍ଥିତିରେ ଗାନ୍ଧିଜୀ କୌଣସି ପ୍ରକାର ଆନ୍ଦୋଳନର ନେତୃତ୍ୱ ନ ନେବାକୁ ଚାହୁଁଥିଲେ, ଯାହାକୁ ସେ ନିୟନ୍ତ୍ରିତ କରିପାରିବେନି ଏବଂ ଏହା ମଧ୍ୟ ପ୍ରମାଣିତ ହୋଇଗଲା ଯେ ରାଷ୍ଟ୍ରବାଦୀ, ଗାନ୍ଧିଜୀଙ୍କର ଏହି ଆହ୍ୱାନକୁ ସ୍ୱୀକାର କରିବେ । ଯଦିଚ ଅନେକ ଲୋକଙ୍କର ମତ ଏହାଠାରୁ ଭିନ୍ନ ଥିଲା, ତଥାପି ଏହା ବ୍ୟତୀତ କେହି ହେଲେ ମଧ୍ୟ ଆନ୍ଦୋଳନର ପୁନରାବୃତ୍ତିରେ ଅନେକ ଆହ୍ୱାନର ବିରୋଧ ସମ୍ପର୍କରେ ଚିନ୍ତା କରି ନଥିଲେ ।

କଂଗ୍ରେସ ପାର୍ଟି ଭିତରେ ସଭ୍ୟମାନଙ୍କ ମଧ୍ୟରେ ମତଭେଦ ଥିଲା । କେତେକ ଶୀଘ୍ର ହେବାକୁ ଥିବା ନିର୍ବାଚନ ମାଧ୍ୟମରେ ବିଧାନ ପରିଷଦରେ ପ୍ରବେଶ କରିବାକୁ ଚାହୁଁଥିଲେ । ଅନ୍ୟ କେତେକ ଗାନ୍ଧିଜୀଙ୍କ ଦ୍ୱାରା ପ୍ରବର୍ତ୍ତିତ ରଚନାତ୍ମକ କାର୍ଯ୍ୟକୁ ଗ୍ରାମମାନଙ୍କୁ ଯାଇ ରୂପରେଖ ଦେବାକୁ ଚାହୁଁଥିଲେ ତଥା ସେମାନେ ସଂଘର୍ଷର ପରବର୍ତ୍ତୀ ଚରଣ ପାଇଁ ପ୍ରସ୍ତୁତି କରୁଥିଲେ । ରାଜଗୋପାଳଚାରୀ, ଅନସାରୀ ଏବଂ ଅନ୍ୟ କେତେକ ବ୍ୟକ୍ତିମାନେ ଗ୍ରାମୀଣ ରଚନାତ୍ମକ କାର୍ଯ୍ୟ ସମ୍ପର୍କରେ ଯୁକ୍ତି ରଖିଥିଲେ । ସେହି ସମୟରେ ମୋତିଲାଲ ନେହେରୁ, ବଲ୍ଲଭ ଭାଇ ପଟେଲ ଏବଂ ହକିମ୍ ଅଜମଲ ଖାଁ ପରିଷଦରେ ପ୍ରବେଶ କରିବାକୁ ଚାହୁଁଥିଲେ ତଥା ସରକାରଙ୍କର କାର୍ଯ୍ୟପ୍ରଣାଳୀକୁ ପ୍ରତିରୋଧ କରି ସରକାରୀ କାମକୁ ନଷ୍ଟ ଭ୍ରଷ୍ଟ କରିବାକୁ ଚାହୁଁଥିଲେ । ରାଜେନ୍ଦ୍ର ପ୍ରସାଦ ଏବଂ ବଲ୍ଲଭ ଭାଇ ପଟେଲ ପ୍ରଥମେ ଏହି ମତକୁ ସମର୍ଥନ କରୁଥିଲେ । ଯେତେବେଳେ



ଟିପ୍ପଣୀ

ସି.ଆର.ଦାସ ଦ୍ୱିତୀୟ ମତକୁ ସମର୍ଥନ କରୁଥିଲେ; ଦାସ୍ ଏବଂ ମୋତିଲାଲ ନେହେରୁ ନିର୍ବାଚନ ଲଢ଼ିବା ପାଇଁ ୧୯୨୩ରେ ସ୍ୱରାଜ ପାର୍ଟି ସ୍ଥାପନା କଲେ। ଅ-ପରିବର୍ତ୍ତନଶୀଳ (No changers) କୁହାଯାଉଥିବା ଗାନ୍ଧିଜୀଙ୍କ ଅନୁଗାମୀମାନଙ୍କର ଏକ ସମୁହକୁ ୧୯୨୪ରେ ଗାନ୍ଧିଜୀଙ୍କ ଜେଲରୁ ବାହାରିବା ପରେ ଅଧିକାଧିକ ସମର୍ଥନ ମିଳିଲା ତଥାପି କଂଗ୍ରେସୀମାନଙ୍କୁ ନିର୍ବାଚନରେ ଭାଗ ନେବାରେ ବାଧା ଦିଆଯାଇ ପାରିଲାନି। ଯଦିଚ ସେମାନେ ରଚନାତ୍ମକ କାର୍ଯ୍ୟର ମହତ୍ୱ ମଧ୍ୟ ସ୍ୱୀକାର କରୁଥିଲେ, କଂଗ୍ରେସ ପ୍ରତ୍ୟାଶୀମାନେ ନଭେମ୍ବର ୧୯୨୪ରେ ହୋଇଥିବା ନିର୍ବାଚନରେ କେନ୍ଦ୍ରୀୟ ପ୍ରାନ୍ତ ଏବଂ ବଙ୍ଗଳାରେ କେତେକ ସ୍ଥାନରେ ବିଜୟ ହାସଲ କଲେ। କାଉନସିଲ ପ୍ରକ୍ରିୟାକୁ ଭାଙ୍ଗିବା ପ୍ରାରମ୍ଭିକ ପ୍ରୟାସ ଆରମ୍ଭ ହୋଇଯାଇଥିଲା, ମାତ୍ର ଯେତେବେଳେ କୌଣସି ନିୟମକୁ ସଭ୍ୟମାନେ ପାରି କରିବାକୁ ଚାହୁଁ ନଥିଲେ, ସେତେବେଳେ ଗର୍ଭର୍ଣ୍ଣର ଦ୍ୱୈତ୍ୟ ଶାସନ କ୍ଷମତାର ପ୍ରତିବନ୍ଧକ ହଟାଇ, ବିଶେଷ କ୍ଷମତା ପ୍ରୟୋଗ କରୁଥିଲେ। ମାତ୍ର ବହୁତ ଶୀଘ୍ର ନିର୍ବାଚିତ ପ୍ରତିନିଧିମାନେ ଦିଗହରା ହୋଇଗଲେ ଏବଂ ଧୀରେ ଧୀରେ ଚଳି ଆସିଥିବା ଧାରାରେ ସାମିଲ ହୋଇଗଲେ। ବେଙ୍ଗଲରେ ସି.ଆର.ଦାସ ହଠାତ୍ ଇହଲୀଳା ସମ୍ବରଣ କଲେ, ଫଳରେ ସେଠାରେ ନେତୃତ୍ୱର ଶୂନ୍ୟସ୍ଥାନ ସୃଷ୍ଟି ହେଲା। ରାଷ୍ଟ୍ରୀୟ ଆନ୍ଦୋଳନ ଏହି ସମୟରେ ସୃଷ୍ଟି ହୋଇଥିବା ରାଜନୈତିକ ଅସ୍ଥିରତା ଏବଂ 'ମୁଖ୍ୟ ଧାରା'ରେ କଂଗ୍ରେସ ଆନ୍ଦୋଳନ ସମ୍ବନ୍ଧିତ ଗତିବିଧିରେ ମନ୍ଥରତା ଆସିବା ପରିସ୍ଥିତିରେ ରାଷ୍ଟ୍ରବାଦୀ ଆନ୍ଦୋଳନରେ କ୍ରାନ୍ତିକାରୀ ଆନ୍ଦୋଳନର ଦ୍ୱିତୀୟ ଚରଣରେ ଆହୁରି ଅଧିକ ମୌଳିକତାବାଦୀମାନଙ୍କର ସକ୍ରିୟ ବର୍ଗର ଉଦୟ ହେଲା।

## ୨୧.୭ କ୍ରାନ୍ତିକାରୀ ଆନ୍ଦୋଳନ: ପୁନର୍ଗଠନ ଏବଂ ପୁନଃସ୍ଥାପନା

ଅସହଯୋଗ ଆନ୍ଦୋଳନର ସ୍ୱାଭାବିକ ଢ଼େଉରେ ଭାରତୀୟ ଯୁବା ଶକ୍ତି ଏପରି ଏକ ବର୍ଗକୁ ଆଗରେ ଆଣି ଛିଡା କଲେ, ଯେଉଁମାନେ ସ୍ୱତନ୍ତ୍ରତା ପାଇବା ପାଇଁ ଦୃଢ଼ ସଂକଳ୍ପ ଥିଲେ। ଦେଶର ଯୁବାବର୍ଗ ଗାନ୍ଧିଜୀଙ୍କର ଆହ୍ୱାନକୁ ବହୁତ ଉତ୍ସୁକତାର ସହିତ ପ୍ରତ୍ୟୁତ୍ତର ଦେଲେ ଏବଂ ତାଙ୍କର ଅସହଯୋଗ ଆନ୍ଦୋଳନରେ ଭାଗନେଲେ। ଆନ୍ଦୋଳନକୁ ହଠାତ୍ ଫେରେଇ ଆଣିବା ତାଙ୍କର ଆକାଂକ୍ଷା ଉପରେ ଏକ ଆଘାତ ଥିଲା। କ୍ରାନ୍ତିକାରୀ ଆନ୍ଦୋଳନର ପ୍ରଥମ ଚରଣରେ ଗୁପ୍ତ ସମିତିଗୁଡିକ ପଞ୍ଜାବ ଏବଂ ବଙ୍ଗଳାରେ ପୁନଃ ସ୍ଥାପିତ କରିବା ଆରମ୍ଭ ହୋଇଗଲା।

ବଙ୍ଗଳାର ଅନୁଶୀଳନ ସମିତିର ସମ୍ବନ୍ଧ ସୁବାସ ବୋଷଙ୍କର ଯୁଗାନ୍ତର ସମିତି ଜେ.ଏମ.ସେନଗୁପ୍ତା ଗୋଷ୍ଠୀ ସହିତ ଥିଲା। ଏହି ଦୁଇଟି ଗୋଷ୍ଠୀ ମଧ୍ୟରେ ଅତ୍ୟଧିକ ରାଜନୈତିକ ପ୍ରତିଦ୍ୱନ୍ଦିତା ଥିଲା। କେତେକ ଛୋଟ ଛୋଟ କ୍ରାନ୍ତିକାରୀ ଗୋଷ୍ଠୀ ସଂଗଠିତ ହେବା ଆରମ୍ଭ ହୋଇଗଲା, ଯେମିତି ଚିଟ୍ଟଗାଓଁର ସୂର୍ଯ୍ୟ ସେନ୍‌ଙ୍କ ଅଧିନରେ ଗଠିତ ଏକ ସଂଗଠନ, ଯାହା ଅତ୍ୟଧିକ ମୌଳିକ ବିଚାରଧାରାରେ ବିକଶିତ ହୋଇଗଲା। ଏହା ସେହି ସମୟରେ ସର୍ବୋଚ୍ଚ ଉଲ୍ଲେଖନୀୟ ଗତିବିଧି ଥିଲା। ଜାନୁଆରୀ ୧୯୨୪ରେ ଗୋପୀନାଥ ସାହା ଦ୍ୱାରା ଡେ ନାମକ ଜଣେ ଇଂରେଜଙ୍କୁ ହତ୍ୟା କରାଗଲା। ସାହା କଲିକତାର ପୋଲିସ କମିସନର ଟିଗର୍ଟଙ୍କ ହତ୍ୟାର ଯୋଜନା ପ୍ରସ୍ତୁତ କଲେ, ମାତ୍ର ଭୁଲରେ ସେ ଡେଙ୍କର ହତ୍ୟା କରିଦେଲେ। ଏହି ଘଟଣାର ପରିଣାମ ସ୍ୱରୂପ ଅନେକ ରାଷ୍ଟ୍ରବାଦୀମାନଙ୍କୁ ଗିରଫ କରି ନିଆଗଲା।

କ୍ରମବର୍ଦ୍ଧିତ କ୍ରାନ୍ତିକାରୀ ଘଟଣାର ଅନ୍ୟ ଏକ କେନ୍ଦ୍ର ଥିଲା ଉତ୍ତର ଭାରତ, ଯେଉଁଠି ସଂଯୁକ୍ତ ପ୍ରଦେଶରେ ସଚିନ ସାନ୍ୟାଲ ଓ ଯୋଗେଶ ଚାଟାର୍ଜୀ ତଥା ଅନ୍ୟ ଲୋକମାନେ ହିନ୍ଦୁସ୍ଥାନ







ରିପବ୍ଲିକାନ ଏସୋସିଏସନ୍ ଗଠନ କଲେ ଏବଂ ଡକାୟତମାନଙ୍କ ମାଧ୍ୟମରେ ଅର୍ଥ ସଂଗ୍ରହ କରିବା ଆରମ୍ଭ କରିଦେଲେ । ଏଗୁଡିକ ମଧ୍ୟରୁ ସବୁଠାରୁ ବଡ ଘଟଣା ଥିଲା ଅଗଷ୍ଟ ୧୯୨୫ରେ ହୋଇଥିବା କାକୋର ରେଳ ଡକାୟତୀ, ଯାହାର ପରିଣାମ ସ୍ୱରୂପ ଏହି ସଂଗଠନର ଅନେକ ସଦସ୍ୟଙ୍କୁ ଗିରଫ କରାଗଲା । ଏହି ସଂଗଠନ ପଞ୍ଜାବର ଏକ ଅତ୍ୟନ୍ତ ଉଦୀୟମାନ ଏବଂ ପ୍ରତିଭାଶାଳୀ ବିଦ୍ୟାର୍ଥୀ ନେତା ଭଗତ ସିଂଙ୍କ ନେତୃତ୍ୱରେ ଗଠିତ ଯୁବକମାନଙ୍କ ଏକ ସଂଗଠନ ସହିତ ମଧ୍ୟ ସମ୍ବନ୍ଧ ସ୍ଥାପିତ କରିଥିଲା । ପଞ୍ଜାବର ଏହି ସଙ୍ଗଠନ ସମାଜବାଦୀ ବିଚାରଧାରାରେ ଅତ୍ୟନ୍ତ ପ୍ରଭାବିତ ହୋଇଥିଲା । ତେଣୁ ଏହି ସଂଗଠନକୁ ସୋସିୟାଲିଷ୍ଟ ରିପାବ୍ଲିକାନ ଏସୋସିଏସନ (ଏଚ.ଏସ.ଆର.ଏ.)ନାମକ ନୂତନ ନାମ ଦିଆଗଲା । କ୍ରାନ୍ତିକାରୀମାନଙ୍କ ଉଦ୍ଦେଶ୍ୟ ଥିଲା ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଏବଂ ସେମାନଙ୍କ ପାଖରେ ଏହି ସଂକଳ୍ପନା ମଧ୍ୟ ଥିଲା ଯେ ସ୍ୱତନ୍ତ୍ରତା ମିଳିବା ପରେ ରାଜ୍ୟର ସ୍ୱରୂପ କେମିତି ହେବ । ସେମାନେ ଏକ ବ୍ୟାପକ ଜନ-ସଂଘର୍ଷ ଆରମ୍ଭ କଲେ ଏବଂ ଏହି ପ୍ରୟୋଜନ ନିମିତ୍ତ ସେମାନେ ଛାତ୍ର, ଶ୍ରମିକ ଏବଂ କୃଷକମାନଙ୍କୁ ସକ୍ରିୟ କଲେ ।

## ୨୧.୮ ସାଇମନ କମିଶନ ବର୍ଜନ

କ୍ରାନ୍ତିକାରୀ ଆନ୍ଦୋଳନର ପୁନର୍ଗଠନ ଏବଂ ପୁର୍ନଜୀବନ ମଧ୍ୟରେ ମୁଖ୍ୟ ଧାରାରେ ଆନ୍ଦୋଳନର ଦମନ ପରେ ଭାରତରେ ଅଧିକରୁ ଅଧିକ ସାମ୍ବିଧାନିକ ସଂସ୍କାର ଆଣିବା ପାଇଁ ସାଇମନ କମିଶନ ଗଠନର ଘୋଷଣା କରାଗଲା । ସମସ୍ତ ଗୋରା ଲୋକମାନଙ୍କର ଏହି କମିଶନରେ କୌଣସି ଭାରତୀୟ ନଥିଲେ । ତାହା ସ୍ପଷ୍ଟ ଥିଲା ଯେ ଆସୁଥିବା ସଂସ୍କାର, ଯଦି କିଛି ହେବ, ତାହା ଭାରତୀୟ ଲୋକଙ୍କୁ ଉପେକ୍ଷା କରି ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ ।

ସମସ୍ତ ନେତାମାନଙ୍କର ଏହାକୁ ବହିଷ୍କାର କରିବା ସର୍ବ ସମ୍ମତି ନିଷ୍ପତ୍ତି ଥିଲା କମିଶନକୁ ଭାରତୀୟମାନଙ୍କ ଉତ୍ତର । କମିଶନର ସଭ୍ୟମାନେ ଯେତେବେଳେ ଭାରତରେ ପହଞ୍ଚିଲେ ସେଦିନ ସମସ୍ତ ବଡ ବଡ ନଗର ଏବଂ ସହରମାନଙ୍କରେ ହରତାଳ ପାଳନ କରାଗଲା (ଫେବୃଆରୀ ୩-୧୯୨୮) କମିଶନଙ୍କ ବିରୁଦ୍ଧରେ ଜନ ଶୋଭାଯାତ୍ରା ଏବଂ କଳାପତାକା ପ୍ରଦର୍ଶନ ଇତ୍ୟାଦି କରାଗଲା । ବେନର ପ୍ରାଚୀର ପତ୍ର ଏବଂ ଏପରିକି ଉଡନ୍ତାଗୁଡି ମାନଙ୍କରେ 'ସାଇମନ ଫେରିଯାଅ' ଲେଖା ଯାଇ ପ୍ରଚାରିତ କରାଗଲା । କମିଶନଙ୍କ ଯିବା ବାଟରେ କଳାପତାକା ପ୍ରଦର୍ଶିତ ହୋଇଥିଲା । କହିବା ଆବଶ୍ୟକତା ନାହିଁକି ପୋଲିସ ଅତିମାତ୍ରାରେ ଶକ୍ତି ଓ ବର୍ବରତାର ସହିତ ଦମନ କଲେ ଏବଂ ସଭାଧାର ଉପରେ ଆକ୍ରମଣ ହେଲା ଏବଂ ଏପରିକି ପ୍ରମୁଖ ନେତୃବୃନ୍ଦମାନେ ମଧ୍ୟ ଏଥିରୁ ବାଦ ପଡିନଥିଲେ । ସବୁଠାରୁ ବର୍ବର ଆକ୍ରମଣ ଲାଲା ଲାଜପତ ରାୟଙ୍କ ଉପରେ ହୋଇଥିଲା, ଯିଏକି ଲାହୋରରେ ଜଣେ ଚରମପନ୍ଥୀ ଯୁଗର ପ୍ରତିଭାଶାଳୀ ନେତା ଥିଲେ । ବୃଦ୍ଧ ହୋଇ ଯାଇଥିବା ଏହି ନେତାଙ୍କୁ ଲାଠିରେ ପ୍ରହାର କରାଯାଇଥିଲା ଏବଂ ଏହି ଆକ୍ରମଣର କିଛିଦିନ ପରେ ତାଙ୍କର ଦେହାନ୍ତ ହୋଇଥିଲା । ଲାଲା ଲାଜପତ ରାୟଙ୍କ ମୃତ୍ୟୁରେ ବ୍ରିଟିଶ ଶାସନ ବିରୁଦ୍ଧରେ ଏକ ବ୍ୟାପକ ବିକ୍ଷୋଭ ଆରମ୍ଭ ହୋଇଗଲା । ଏହି ସମୟରେ କଂଗ୍ରେସ ମଧ୍ୟରେ ହୋଇଥିବା ଏକ ମହତ୍ୱପୂର୍ଣ୍ଣ ପରିପ୍ରକାଶ ଥିଲା ପୂର୍ଣ୍ଣ ସ୍ୱରାଜ କିମ୍ବା ପୂର୍ଣ୍ଣ ସ୍ୱାଧିନତାର ଲକ୍ଷକୁ ଗ୍ରହଣ କରିବା । ପୂର୍ଣ୍ଣ ସ୍ୱତନ୍ତ୍ରତାର ଅଭିପ୍ରାୟ ଥିଲା ବ୍ରିଟିଶ ସହିତ ସମସ୍ତ ସମ୍ବନ୍ଧରୁ ମୁକ୍ତ ହେବା ।



ଟିପ୍ପଣୀ

ପୂର୍ଣ୍ଣ ସ୍ୱରାଜ ଶପଥ ନେବା ପରିଣାମ ସ୍ୱରୂପ ଦେଶ ମଧ୍ୟରେ ଅନେକ ଆଶା ଜାଗ୍ରତ ହେଲା ଏବଂ ୨୬ ଜାନୁୟାରୀ ୧୯୩୦ରେ ସମ୍ପୂର୍ଣ୍ଣ ଦେଶ ମଧ୍ୟରେ ଏଭଳି ଭାବରେ ସ୍ୱତନ୍ତ୍ରତାର ଶପଥ ନିଆଗଲା। ଦେଶରେ ଏକ ଅସନ୍ତୋଷ ବାତାବରଣ ଦେଖା ଦେଲା, ଯାହାର ପ୍ରମାଣ ଥିଲା ବମ୍ବେ-ନାଗପୁର କ୍ଷେତ୍ରରେ କମ୍ୟୁନିଷ୍ଟ ଦ୍ୱାରା ଆହୁତ ରେଲୱେ-ହରତାଳ, କଂଗ୍ରେସ ନେତୃତ୍ୱରେ ଚାଲୁଥିବା ଆନ୍ଦୋଳନ ଯାହା ସବିନୟ ଅବଜ୍ଞା ଆନ୍ଦୋଳନ ପ୍ରସ୍ତୁତି ପାଇଁ ଥିଲା, ଯାହାର ଚରମ ସ୍ୱରୂପ ଥିଲା ଖଜଣା ନଦେବା। କଂଗ୍ରେସ ବିଧାୟକମାନଙ୍କୁ ଅନୁଦେଶ ଜାରିକରାଗଲା କି ସେମାନେ ସଂଘର୍ଷର ପରବର୍ତ୍ତୀ ପ୍ରସ୍ତୁତି ନିମିତ୍ତ ତ୍ୟାଗ ପତ୍ର ଦେଇ ଦିଅନ୍ତୁ। ଗାନ୍ଧିଜୀ ୩୧ ଜାନୁଆରୀ ଦିନ ଭାଇସରାୟ ଇରଉଇନଙ୍କୁ ଅନ୍ତିମ ଚେତାବନୀ ଦେଇ ଏହାର ଶୁଭାରମ୍ଭ କଲେ, ଯେଉଁଥିରେ ପୂର୍ଣ୍ଣ ସ୍ୱତନ୍ତ୍ରତା ବା ପୂର୍ଣ୍ଣ ସ୍ୱରାଜର ଉଲ୍ଲେଖ ନଥିଲା। ଏଠାରେ ଉଲ୍ଲିଖିତ ଏଗାର ସୂତ୍ର ପ୍ରତ୍ୟାହାରରେ ଔପନିବେଶିକ ସରକାରରେ ଏହି ରାଷ୍ଟ୍ର ଦ୍ୱାରା କରାଯାଇଥିବା ବିଶିଷ୍ଟ ଦାବିଗୁଡିକର ଏକ ସମଷ୍ଟି ଥିଲା। ଏହି ଦାବିଗୁଡିକ ମଧ୍ୟରୁ ଗୋଟିଏ ଦାବି ଥିଲା ଲବଣ କରକୁ ହଟାଇବା ଏବଂ ଲବଣ ଉତ୍ପାଦନରେ ଏକାଧିକାରର ସମାପ୍ତ କରିବା। ଏହି ଦାବିରେ ଭୂରାଜସ୍ୱର ପଚାଶ ପ୍ରତିଶତ ହ୍ରାସ, ଲୁଗା କଳମାନଙ୍କର ସୁରକ୍ଷା, ସେନାର ଖର୍ଚ୍ଚ ଏବଂ ସିଭିଲ ସେବାର ବେତନ ଇତ୍ୟାଦିରେ ପଚାଶ ପ୍ରତିଶତ ହ୍ରାସ କରିବା ଅନ୍ତର୍ଭୁକ୍ତ ଥିଲା।

### ପାଠଗତ ପ୍ରଶ୍ନ ୨୧.୪

୧. କେଉଁ ବିଶିଷ୍ଟ ବିଷୟ ଉପରେ ଅସହଯୋଗ ଆନ୍ଦୋଳନର ଆରମ୍ଭ ହୋଇଥିଲା?

..............................................................................................

୨. ସ୍ୱରାଜ ପାର୍ଟିର ସ୍ଥାପନା କେବେ ଏବଂ କାହା ଦ୍ୱାରା ହୋଇଥିଲା?

..............................................................................................

୩. ଏଚ୍.ଏସ୍.ଆର.ଏ.ର ପୂର୍ଣ୍ଣ ରୂପ ଦିଅନ୍ତୁ?

..............................................................................................

## ୨୧.୯ ସବିନୟ ଅବଜ୍ଞା ଆନ୍ଦୋଳନ

ଏଗାର ସୂତ୍ରୀ ଚେତାବନୀରେ କୌଣସି ପ୍ରତିକ୍ରିଆ ନ ହେବା କାରଣରୁ ଲବଣ ସମ୍ବନ୍ଧରେ ଆଧାରିତ ସବିନୟ ଅବଜ୍ଞା ଆନ୍ଦୋଳନ ଆରମ୍ଭ କରାଗଲା। ଲବଣ ପ୍ରାଥମିକ ଆବଶ୍ୟକତାର ଏପରି ବସ୍ତୁ ଥିଲା, ଯାହା ଉପରେ କର ଲଗାଇବାର ପ୍ରଭାବ ଧନୀ ରୁ ଗରୀବ ପର୍ଯ୍ୟନ୍ତ ପଡୁଥିଲା। ତେଣୁ ଏ ପ୍ରକାରର ଲବଣ ଭାରତୀୟ ଲୋକମାନଙ୍କୁ ବଞ୍ଚିତ କରିବା ଦମନର ପ୍ରତୀକ ହୋଇଗଲା। ଜନସାଧାରଣ ଏବଂ ରାଷ୍ଟ୍ରବାଦୀ ନେତା ଦୁଇଜଣ ଏହି ବିଷୟ ଉପରେ ମହତ୍ୱ ଦେବା ଆରମ୍ଭ କରିଦେଲେ। ୧୨ ମାର୍ଚ୍ଚ ୧୯୩୦ରେ ଗାନ୍ଧିଜୀ ତାଙ୍କର ସାବରମତୀ ଆଶ୍ରମରୁ ନିଜର ୭୨ ଅନୁଗାମୀମାନଙ୍କୁ ସଙ୍ଗରେ ନେଇ ସମୁଦ୍ର ପର୍ଯ୍ୟନ୍ତ ଦାଣ୍ଡୀ ପଦଯାତ୍ରା

ଆରମ୍ଭ କରିଦେଲେ । ଦାଣ୍ଡି ଯାତ୍ରା ସପକ୍ଷରେ ଲୋକମାନଙ୍କର ସମ୍ପୂର୍ଣ୍ଣ ଭାବେ ପ୍ରତିକ୍ରିୟା ସୃଷ୍ଟି ହେଲା । ଲୋକମାନେ ବହୁସଂଖ୍ୟାରେ ରାସ୍ତାରେ ଏହି ଯାତ୍ରାକୁ ସ୍ୱାଗତ କଲେ ଏବଂ ଶେଷ ପର୍ଯ୍ୟନ୍ତ ସାଥୀରେ ରହିଥିଲେ । ଗାନ୍ଧିଜୀଙ୍କ ପ୍ରତି ଏକତାର ଭାବନା ପ୍ରଦର୍ଶିତ କରିବା ପାଇଁ ଗ୍ରାମବାସୀମାନେ ଗାନ୍ଧିଜୀ ଯେଉଁ ସ୍ଥାନ ଦେଇ ଅତିକ୍ରମ କରୁଥିଲେ ଯେଉଁଠାରେ ରହୁଥିଲେ ସେହି ସ୍ଥାନମାନଙ୍କରେ ସୁତା କାଟୁଥିଲେ । ଏପ୍ରିଲ ୬ରେ ଗାନ୍ଧିଜୀ ସମୁଦ୍ର କୂଳରେ ପହଞ୍ଚିଲେ ଏବଂ ଏଠାରେ ଏକ ମୁଠା ଲୁଣ ଉଠାଇ ଅଖିଳ ଭାରତ ସ୍ତରରେ ଦାଣ୍ଡିରେ ଲବଣ ଆଇନ ଭଙ୍ଗ କରି ଆଇନ ଅମାନ୍ୟ ଆନ୍ଦୋଳନର ଶୁଭାରମ୍ଭ କଲେ । ସମ୍ପୂର୍ଣ୍ଣ ଭାରତବର୍ଷରେ ଲୋକମାନେ ବେଆଇନ ଭାବରେ ଲବଣ ପ୍ରସ୍ତୁତି ଆରମ୍ଭ କରିଦେଲେ । ବହୁତ ସାବଧାନର ସହିତ ଯୋଜନାବଦ୍ଧ ଭାବରେ ବହୁ ସଂଖ୍ୟାରେ ସ୍ୱୟଂ ସେବକମାନଙ୍କର ଚୟନ କରି ଏହି ଆନ୍ଦୋଳନର ଗୋଟିଏ ପ୍ରାନ୍ତରରୁ ଅନ୍ୟ ପ୍ରାନ୍ତର ପର୍ଯ୍ୟନ୍ତ, ମାନ୍ଦ୍ରାଜରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ତଥା ବଙ୍ଗଳା ଆସାମ ଠାରୁ କରାଚୀ ପର୍ଯ୍ୟନ୍ତ ବ୍ୟାପୀଗଲା । ସୁଦୂର ଉତ୍ତରରେ ଥିବା ପେଶାବରରେ ବଡ ଧରଣର ପ୍ରଦର୍ଶନ କରାଗଲା, ଯେଉଁଠାରେ ଖାଁ ଅବଦୁଲ୍ଲ ଗଫୁର ଖାଁ ଏବଂ ତାଙ୍କର ଅନେକ ଅନୁଗାମୀ ଖୁଦାଇ-ଖିଦମତଗାର କୁହାଯାଉଥିବା ଲାଲ କମିଜ (ରେଡ ସାର୍ଟସ) ସକ୍ରିୟ ଥିଲେ ଏବଂ କିଛି ବର୍ଷ ପୂର୍ବରୁ ଏଠାରେ ସେମାନେ ରଚନାତ୍ମକ କାର୍ଯ୍ୟ କରୁଥିଲେ । ଏହାର ଅନେକ ଭଲ ପ୍ରତିକ୍ରିୟା ଦେଖା ଦେଇଥିଲା । ଖୁବ୍‌କମରେ ଏକ ସପ୍ତାହ ପର୍ଯ୍ୟନ୍ତ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ଜନତା ନିୟନ୍ତ୍ରଣରେ ଥିଲା ଏବଂ ଗଡୱାଲୀ ରେଜିମେଣ୍ଟର ସୈନିକମାନେ ନିରସ୍ତ୍ର ଭିଡ ଉପରେ ଗୋଳୀ ଚଳାଇବାକୁ ମନା କରିଦେଲେ । ୧୪ ଅପ୍ରେଲରେ ନେହେରୁଜୀଙ୍କର ଗିରଫଦାରୀରେ ମାନ୍ଦ୍ରାଜ, କଲକତା, ଏବଂ କରାଚୀରେ ସାର୍ବଜନୀକ ବିରୋଧ ପ୍ରଦର୍ଶନ କରାଗଲା । ଔପନିବେଶିକ ସରକାର ଅନିଶ୍ଚିତ ସ୍ଥିତିରେ ଥିଲେ କାରଣ ତାଙ୍କଠାରୁ କେବେ ବି ଏହା ଆଶା କରାଯାଇ ନଥିଲା ଯେ ଲବଣ ସତ୍ୟାଗ୍ରହ ଏପରି ଭାବରେ ଏକ ବୈପ୍ଳବିକ ଆନ୍ଦୋଳନର ରୂପ ନେବ । ପରିଶେଷରେ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ନିଷ୍ପତ୍ତି ନେଲେ ଏବଂ ମେ' ରେ ଗାନ୍ଧିଜୀଙ୍କୁ ଗିରଫଦାର କରିନିଆଗଲା, ଯାହାର ପରିଣାମ ଏପରି ହେଲାକି ଆନ୍ଦୋଳନ ଆହୁରି ଅଧିକ ତେଜି ଉଠିଲା । ସବିନୟ ଅବଜ୍ଞା ଆନ୍ଦୋଳନର ସବୁଠାରୁ ମହତ୍ୱପୂର୍ଣ୍ଣ ସୋପାନ ଥିଲା ଯୁବକ, ବିଶେଷଭାବରେ ବିଦ୍ୟାର୍ଥୀ ଏବଂ ମହିଳାମାନଙ୍କର ମଧ୍ୟ ଏଥିରେ ଭାଗିଦାରୀ ଥିଲା । ମହିଳାମାନେ ମଦ ଏବଂ ବିଦେଶୀ ଦ୍ରବ୍ୟ ବିକ୍ରି କରିବା ଦୋକାନ ଆଗରେ ଧାରଣା ଦେଲେ ।

ସରକାର ଲୋକମାନଙ୍କର ନାଗରୀକ ସ୍ୱତନ୍ତ୍ରତାକୁ ହ୍ରାସ କରିବା ନିମିତ୍ତ ଅଧ୍ୟାଦେଶ ଜାରି କରିବା ଏବଂ ପ୍ରଦେଶମାନଙ୍କରେ ସିଭିଲ ଅବଜ୍ଞା ସଂଗଠନ ଉପରେ ଅଙ୍କୁଶ ଲଗାଇବା ଆରମ୍ଭ କରିଦେଲେ । ଜୁନରେ କଂଗ୍ରେସ କାର୍ଯ୍ୟ ସମିତି ଉପରେ ଅଙ୍କୁଶ ଲଗାଇ ଦିଆଗଲା ଏବଂ କଂଗ୍ରେସ ଅଧ୍ୟକ୍ଷ ମୋତିଲାଲ ନେହେରୁଙ୍କୁ ଗିରଫଦାର କରାଗଲା । ଅଗଷ୍ଟ ଆସିବା ସହିତ କଂଗ୍ରେସ ସମିତି ଉପରେ ଅଙ୍କୁଶ ଲଗାଗଲା । ଅନେକ ସ୍ଥାନୀୟ ସମସ୍ୟା ମଧ୍ୟ ସିଭିଲ ଆନ୍ଦୋଳନର ଅଂଶ ହୋଇଗଲା ।

ସରକାରୀ ଦମନ ଏବଂ ଆନ୍ଦୋଳନ ଅଧିକ ଗଭୀର ହେବା ମଧ୍ୟରେ ସାଇମନଙ୍କ ରିପୋର୍ଟ ପ୍ରକାଶିତ ହେଲା । ସେଠାରେ ଏମିତି କିଛି ସଙ୍କେତ ନଥିଲାକି ଭାରତକୁ ସ୍ୱତନ୍ତ୍ର ଔପନିବେଶର ଦରଜା ଦିଆଯାଇ ପାରିବ । ଏହାର ପରିଣାମ ଏମିତି ହେଲା କି ଅତ୍ୟଧିକ ନରମପନ୍ଥୀ

ଭାରତୀୟ ରାଜନୀତିଜ୍ଞ ମଧ୍ୟ ବ୍ରିଟିଶ ସରକାରଙ୍କ ବିରୁଦ୍ଧ ହୋଇଗଲେ । ଏହାପରେ ଭାଇସରାୟ ଗୋଲଟେବୁଲ ବୈଠକର ନିମନ୍ତ୍ରଣ ପଠାଇଲେ ଏବଂ ସ୍ୱତନ୍ତ୍ର ଉପନିବେଶର ଦର୍ଜା ଦେବା ସମ୍ବନ୍ଧରେ ତାଙ୍କର ଉଦ୍ଦେଶ୍ୟ ଦୋହରାଇଲେ । ମୋତିଲାଲ ଏବଂ ଜବାହାରଲାଲ୍ ନେହେରୁଙ୍କୁ ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଗାନ୍ଧିଜୀଙ୍କ ନିକଟକୁ ନିଆଗଲା । ପରନ୍ତୁ କଂଗ୍ରେସ ଏବଂ ସରକାର କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ । ପ୍ରଥମ ଗୋଲ ଟେବୁଲ ବୈଠକ ନଭେମ୍ବର ୧୯୩୦ରେ ଲଣ୍ଡନଠାରେ ଭାରତୀୟ ନେତା ଏବଂ ବ୍ରିଟିଶ ମଧ୍ୟରେ ଡକାଯାଇଥିଲା, ପରନ୍ତୁ ଏଥିରେ କଂଗ୍ରେସର କୌଣସି ପ୍ରତିନିଧି ନଥିଲେ । ପରନ୍ତୁ ଏହା ସ୍ପଷ୍ଟ ଥିଲା ବ୍ରିଟିଶ ଏବଂ ଭାରତୀୟ ନେତାମାନଙ୍କ ମଧ୍ୟରେ ପରସ୍ପର ବରାବରୀରେ କୌଣସି ବାର୍ତ୍ତାଳାପରେ କଂଗ୍ରେସର ଅନୁପସ୍ଥିତି ଯୋଗୁଁ କୌଣସି ପରିଣାମ ଆସିଲା ନାହିଁ । ପରବର୍ତ୍ତୀ ସମ୍ମିଳନୀ ଆସନ୍ତା ବର୍ଷ ଅନୁଷ୍ଠିତ ହେବାର ସ୍ଥିର ହେଲା । ସରକାର ଗାନ୍ଧିଜୀଙ୍କୁ ୨୫ ଜାନୁଆରୀ ୧୯୩୧ରେ ଜେଲରୁ ଛାଡିଦେଲେ । ଅନ୍ୟାନ୍ୟ କଂଗ୍ରେସର କାର୍ଯ୍ୟ ନିର୍ବାହୀ ସଦସ୍ୟମାନେ ମଧ୍ୟ ବିନା ସର୍ତ୍ତରେ ମୁକୁଳି ଗଲେ । କଂଗ୍ରେସ ଆସନ୍ତା ଗୋଲ ଟେବୁଲ ବୈଠକରେ ଯୋଗଦେବା ସମ୍ପର୍କରେ ବିଚାର ବିମର୍ଷ କରିବାକୁ ଭାଇସରାୟ ପ୍ରସ୍ତାବ ଦେଲେ ।

ପ୍ରଥମ ଗୋଲ ଟେବୁଲ ବୈଠକର ପ୍ରତିନିଧିମାନଙ୍କ ସହିତ ଲମ୍ବା ବାର୍ତ୍ତାଳାପ ଏବଂ ବିଚାର ବିମର୍ଷ ପରେ କଂଗ୍ରେସ ଗାନ୍ଧିଜୀଙ୍କୁ ଭାଇସରାୟଙ୍କ ସହିତ ବାର୍ତ୍ତାଳାପ କରିବା ପାଇଁ କ୍ଷମତା ପ୍ରଦାନ କଲେ । ଗାନ୍ଧିଜୀ ଏବଂ ଇରଉଇନଙ୍କ ମଧ୍ୟରେ ପ୍ରାୟ ପନ୍ଦର ଦିନ ପର୍ଯ୍ୟନ୍ତ ବିଚାର ବିମର୍ଷ ହେଲା । ପରିଶେଷରେ ମାର୍ଚ୍ଚ ୧୯୩୧ରେ ଗାନ୍ଧୀ-ଇରଉଇନ ରାଜିନାମା ଉପରେ ହସ୍ତାକ୍ଷର କରାଗଲା । ଏହି ରାଜିନାମାର ସର୍ତ୍ତ ନିମ୍ନଲିଖିତ ଅଟେ ।

(କ) ଅହିଂସାତ୍ମକ ପ୍ରତିରୋଧରେ ଗିରଫଦାରି କରାଯାଇଥିବା ସମସ୍ତ ଲୋକଙ୍କୁ ତତ୍କାଳ ମୁକ୍ତ କରାଯିବ ।

(ଖ) ଯାହା ଉପରେ ଜୋରିମାନା ଇତ୍ୟାଦି ଏ ପର୍ଯ୍ୟନ୍ତ ଅସୁଲ ହୋଇ ନଥିବ, ସେମାନଙ୍କୁ କ୍ଷମା ଦିଆଯିବ ।

(ଗ) ଅଧି ଗ୍ରହଣ ହୋଇଥିବା ସମସ୍ତ ଭୂମି, ଯାହା ଏ ପର୍ଯ୍ୟନ୍ତ ବିକ୍ରି ହୋଇନାହିଁ, ସେଗୁଡିକ କୃଷକମାନଙ୍କୁ ଫେରସ୍ତ ଦିଆଯିବ ।

(ଘ) ଯେଉଁ ସରକାରୀ କର୍ମଚାରୀମାନେ ତ୍ୟାଗ-ପତ୍ର ଦେଇଥିଲେ, ସେମାନଙ୍କ ସହିତ ନମ୍ରତା ସହିତ ବ୍ୟବହାର କରାଯିବ ।

(ଙ) ତଟବର୍ତ୍ତୀ ଗ୍ରାମମାନଙ୍କୁ ସେମାନଙ୍କର ଉପଯୋଗ ନିମିତ୍ତ ଲବଣ ପ୍ରସ୍ତୁତି ନିମିତ୍ତ ଅଧିକାର ଦିଆଯିବ ।

(ଚ) ଶାନ୍ତିପୂର୍ଣ୍ଣ ଏବଂ ଅଣ-ଆକ୍ରମଣାତ୍ମକ ଧାରଣାକୁ ଅନୁମୋଦନ କରାଗଲା ।


କଂଗ୍ରେସ ନିଜ ତରଫରୁ ସବିନୟ ଅବଜ୍ଞ ଆନ୍ଦୋଳନରୁ ଓହରି ଆସିବା ପାଇଁ ସହମତି ଦେଇଦେଲେ ଓ ଆସନ୍ତା ଗୋଲ ଟେବୁଲ ବୈଠକରେ ଭାଗ ନେବା ପାଇଁ ସହମତି ପ୍ରଦାନ କଲେ । ରାଷ୍ଟ୍ରବାଦୀ ନେତାମାନେ ଏହି ବୁଝାମଣାକୁ ଅସ୍ଥାୟୀ ବିରାମ-ସନ୍ଧି ହିସାବରେ ମନେକଲେ । ପରନ୍ତୁ ଅନେକ ନେତା ଏହି ବୁଝାମଣାର ଅନିର୍ବାର୍ଯତା ରୂପେ ସହମତ ହୋଇ ନଥିଲେ ।

ଏହାଫଳରେ କ୍ରାନ୍ତିକାରୀ ଗୁପ୍ତ ସମିତିଗୁଡିକର ନୂତନ ଗତିବିଧି ଏବଂ ଅଧିକାଧିକ ମୌଳିକତାବାଦୀ କମ୍ୟୁନିଷ୍ଟ ଆନ୍ଦୋଳନରେ ଅଧିକରୁ ଅଧିକ ତେଜି ଉଠିଲା । ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କୁ ଏହି ସମୟ ମଧ୍ୟରେ ଫାଶୀ ଦିଆ ଯାଇଥିଲା, କାରଣ କମ୍ୟୁନିଷ୍ଟ ଆନ୍ଦୋଳନ ସମଗ୍ର ଦେଶରେ ବ୍ୟାପି ଯାଇଥିଲା ।

ମାର୍ଚ୍ଚ ୧୯୩୧ରେ ଆୟୋଜିତ କରାଚୀ ଅଧିବେଶନରେ କଂଗ୍ରେସ ପୂର୍ଣ୍ଣ ସ୍ୱରାଜ ଲକ୍ଷକୁ ଦୋହରାଇବା ସହିତ ଦିଲ୍ଲୀରେ ହୋଇଥିବା ଗାନ୍ଧି-ଇରଉଇନ ରାଜିନାମାର ମଧ୍ୟ ସମର୍ଥନ କଲେ । ଯଦିଚ ଦିଲ୍ଲୀ ରାଜିନାମାରେ ସ୍ୱତନ୍ତ୍ରତାର କୌଣସି ଚିହ୍ନ ନଥିଲା ତଥାପି କରାଚୀରେ କଂଗ୍ରେସ ଭାରତର ସମ୍ବିଧାନର ରଚନା କରିବା ପାଇଁ ପ୍ରସ୍ତୁତ କରୁଥିଲା ତଥା ନିଜର ମୌଳିକ ଅଧିକାର ଏବଂ ଏକ ରାଷ୍ଟ୍ରୀୟ ଆର୍ଥୀକ ନୀତି ପ୍ରସ୍ତୁତ କରିବା ସମ୍ପର୍କରେ ମଧ୍ୟ ସଙ୍କଳ୍ପ ନେଲେ । ଏହି ସଙ୍କଳ୍ପ ଆମର ସାମ୍ବିଧାନିକ ଇତିହାସର ଏକ ବଡ ମହତ୍ୱପୂର୍ଣ୍ଣ ଘଟଣା ଥିଲା, ଯେଉଁଥିରେ ନାଗରିକ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା, ଖବରକାଗଜର ସ୍ୱତନ୍ତ୍ରତା ଓ ସଂଘ ଗଢ଼ିବାର ସ୍ୱାଧୀନତାର ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଧାର୍ମିକ ଘଟଣାରେ ତଟସ୍ଥତା, ଆଇନ ସମକ୍ଷ ସମାନତା, ପ୍ରତ୍ୟେକ ବ୍ୟକ୍ତିଙ୍କୁ ମତ ଦେବାର ସମାନ ଅଧିକାର, ନିଃଶୁଳ୍କ ଏବଂ ଅନିବାର୍ଯ୍ୟ ପ୍ରାଥମିକ ଶିକ୍ଷା ଓ ଅନେକ ଅନ୍ୟ ପ୍ରାବଧାନ ସ୍ୱତନ୍ତ୍ର ଭାରତର ସାମ୍ବିଧାନିକ ପ୍ରାବଧାନର ପୂର୍ବ କଳ୍ପନା ଥିଲା ।

ଗାନ୍ଧିଜୀ, ଅଗଷ୍ଟ ୧୯୩୧ରେ ଦ୍ୱିତୀୟ ଗୋଲ ଟେବୁଲ ସମ୍ମିଳନୀ ନିମିତ୍ତ ଯାତ୍ରା କଲେ । ଏହି ସମୟରେ ବ୍ରିଟିଶ ସରକାର ବ୍ରିଟେନ ଏବଂ ଭାରତ ଦୁଇଟି ଦେଶରେ ବହୁତ ଶକ୍ତ ପଦକ୍ଷେପ ମାନ ଗ୍ରହଣ କଲେ । ଇରଉଇନଙ୍କ ସ୍ଥାନରେ ୱେଲିଂଟନ ଆସି ଗଲେ ଏବଂ ହୋମ ଗଭର୍ଣ୍ଣମେଣ୍ଟର ଜନହିତକାରୀ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସିଗଲା । ଏହାର ପରିଣାମ ସ୍ୱରୂପ ଗାନ୍ଧୀଜୀଙ୍କୁ ଗୋଲ ଟେବୁଲ ବୈଠକର ବିଚାର ବିମର୍ଷ ସମୟରେ କିଛି ହାସଲ ହେଲା ନାହିଁ । ପରନ୍ତୁ ଡିସେମ୍ବର ୧୯୩୧ରେ ଫେରିବା ପରେ ସେ ଦେଖିଲେ ଏପରିକି ନୂତନ ଭାଇସରାୟ ତାଙ୍କୁ ଦେଖା କରିବା ପାଇଁ ମଧ୍ୟ ଇଚ୍ଛୁକ ନୁହନ୍ତି । ଏଥିରୁ ଏମିତି ଲାଗୁଥିଲା କି ପ୍ରାୟ ଔପନିବେଶିକ ସରକାର କଂଗ୍ରେସ ସହିତ ଏକ ଚୁକ୍ତି କରି ତାଙ୍କ ସହିତ ବରାବର କରି ଅବଶୋଷ ଅନୁଭବ କରୁଛନ୍ତି । ସରକାର ମଧ୍ୟ ଜବାହାରଲାଲ ନେହେରୁଙ୍କୁ ଗିରଫଦାର କଲେ ଏବଂ ଉତ୍ତର ପଶ୍ଚିମ ପ୍ରାନ୍ତିୟ ପ୍ରଦେଶର ନେତା ଖାଁ ଅବଦୁଲ ଗଫୁର ଖାଁଙ୍କୁ ଗିରଫ କରି ଖୁଦାଇ ଖିଦମତଗର୍ସ ଆନ୍ଦୋଳନକୁ ଦମନ କଲେ ।

ଏଭଳି ପରିସ୍ଥିତିରେ କଂଗ୍ରେସ ପୁନଃରାୟ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବାକୁ ନିର୍ଣ୍ଣୟ ନେଲା ଏବଂ ସେହି ଦିନ ଗାନ୍ଧିଜୀ ଶାନ୍ତି ବାର୍ତ୍ତା ନିମିତ୍ତ ଭାଇସରାୟଙ୍କୁ ସାକ୍ଷାତ କରିବାକୁ ଅନୁରୋଧ କଲେ । ମାତ୍ର ସେ ତାଙ୍କୁ ସାକ୍ଷାତ ଦେବାକୁ ମନା କରିଦେଲେ । ଏହାପରେ ଔପନିବେଶିକ ସରକାର ଦୃଢ଼ ଆକ୍ରାମକ ପଦକ୍ଷେପ ଉଠାଇଲେ, ଯାହାର ପ୍ରଥମ ପଦକ୍ଷେପ ଥିଲା ଜାନୁଆରୀ ପ୍ରାରମ୍ଭରେ ଗାନ୍ଧିଜୀଙ୍କୁ ଗିରଫଦାର କରିବା ଏବଂ ଲୋକଙ୍କର ନାଗରିକ ଅଧିକାରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବା । ଏହାପରେ ସରକାର ସମ୍ପତ୍ତି ଜବତ କରିବା ଓ ଲୋକମାନଙ୍କୁ ନଜରବନ୍ଦୀ ରଖିବା ଅଧିକାର ପ୍ରାପ୍ତ କରିନେଲେ । ଏହି ଅଧିକାର ପ୍ରାପ୍ତ କରିବା ପରେ ସରକାର କଂଗ୍ରେସର ସମସ୍ତ ପ୍ରମୁଖ ନେତାମାନଙ୍କୁ ଜେଲରେ ବନ୍ଦ କରି ଦେଲେ ।




ମାନଚିତ୍ର ୨୧.୧ ଭାରତ ଜାତୀୟ ଆନ୍ଦୋଳନ: ପ୍ରମୁଖ ଆନ୍ଦୋଳନ ସ୍ଥଳ

ସାଧାରଣ ଲୋକଙ୍କର ଏଥିରେ ଭାରି ପ୍ରତିକ୍ରିୟା ହେଲା। ଏପରି ବ୍ୟାପକ ଜନ-ପ୍ରଦର୍ଶନ, ମଦ ଦୋକାନ ଓ ବିଦେଶୀ ଦ୍ରବ୍ୟ ବିକ୍ରି ହେଉଥିବା ଦୋକାନଗୁଡିକ ଆଗରେ ଧାରଣା ଏବଂ ବେଆଇନ ଜନ ସମାବେଶ ଇତ୍ୟାଦି ବହୁଳ ଭାବରେ ଘଟିଗଲା ଏବଂ ତାହା ସରକାରଙ୍କ ଦ୍ୱାରା ଦୃଢ଼ ଭାବରେ ଦମନ କରାଗଲା। ସରକାର କୌଣସି ପ୍ରକାର ରାଷ୍ଟ୍ରୀୟବାଦୀମାନଙ୍କ ସହିତ ବୁଝାମଣା ପାଇଁ ଇଚ୍ଛୁକ ନଥିଲେ। ସେତେବେଳେ ଜେଲଗୁଡିକ ଭର୍ତ୍ତି ହୋଇଗଲା। କଂଗ୍ରେସ ବେଆଇନ ଘୋଷଣା କରାଗଲା। ଗାନ୍ଧି ଆଶ୍ରମଗୁଡିକ ପୋଲିସ ଦ୍ୱାରା ଦଖଲ ହେଲା। ଶୋଭାଯାତ୍ରାଗୁଡିକ ଉପରେ ଲାଠି ପ୍ରହାର ତଥା ଲୋକମାନଙ୍କୁ ଇତଃସ୍ତତ କରାଗଲା। ଯେଉଁମାନେ କର ଦେବାକୁ ମନା କରୁଥିଲେ ସେମାନଙ୍କୁ ମାଡମରା ଯାଉଥିଲା ତଥା ସେମାନଙ୍କୁ ଜେଲ ଦେଇ ସେମାନଙ୍କର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଉଥିଲା। ସମଗ୍ର ଦେଶର ଅଧିକାଂଶ ନେତା ଜେଲରେ ଥିଲେ ଏବଂ ସରକାରଙ୍କ ନିଷ୍ଠୁର ବ୍ୟବହାର ଓ ଅପମାନ ସତ୍ତ୍ୱେ ଲୋକମାନେ







ନିଜର ପ୍ରଚେଷ୍ଟାରେ ଦୁଇବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଏହି ଆଇନ ଅମାନ୍ୟ ଆନ୍ଦୋଳନକୁ ଜାରି ରଖିବା ପାଇଁ ପ୍ରୟାସ କଲେ । ଏହି ଆନ୍ଦୋଳନ ପ୍ରମାଣିତ କଲା ଯେ ଭାରତର ସାଧାରଣ ଜନତାର ମନବଳ କେତେ ସୁଦୃଢ଼ ଓ ରାଷ୍ଟ୍ରବାଦୀ ନେତା ଭାବରେ ଗାନ୍ଧିଜୀଙ୍କ ନେତୃତ୍ୱ କେତେ ଶସକ୍ତ । ଏପରିକି ଏହି ସ୍ଥିତିରେ ମଧ୍ୟ ନେତାମାନଙ୍କର ଅଭାବ ଏବଂ ସେମାନଙ୍କ ମତର ଅନ୍ତର ସତ୍ୱେ ଆନ୍ଦୋଳନ ଚାଲୁ ରଖିବା ପାଇଁ ତାଙ୍କର ନିଷ୍ପତ୍ତିକୁ ସମସ୍ତେ ମାନି ନେଇଥିଲେ ।

## ୨୧.୧୦ ମୌଳିକବାଦୀ ଓ କ୍ରାନ୍ତିକାରୀ ଆନ୍ଦୋଳନର ଅଭିବୃଦ୍ଧି ଏବଂ ବାମପନ୍ଥୀମାନଙ୍କର ଉଦ୍ଭବ

୧୯୩୦ ଏବଂ ୧୯୩୪ ବର୍ଷମାନଙ୍କ ମଧ୍ୟରେ ବେଙ୍ଗଲ ଏବଂ ପଞ୍ଜାବକୁ କେନ୍ଦ୍ର କରି ବୈପ୍ଳବିକ ସନ୍ତ୍ରାସବାଦ କାର୍ଯ୍ୟକଳାପର ଏକ ଅଭୁତପୂର୍ବ ବିସ୍ତରଣ ଦେଖା ଦେଇଥିଲା । ୧୯୩୧ରେ ସମୁଦାୟ ୯୨ଟି ଘଟଣା ପଞ୍ଜିକୃତ ହୋଇଥିବା ବେଳେ ୯ଟି ହତ୍ୟା ମାମଲା ଅନ୍ତର୍ଭୁକ୍ତ ଥିଲା । ଚିଟାଗଞ୍ଜ ଅସ୍ତ୍ରାଗାର ଲୁଣ୍ଠନ ସେଗୁଡିକ ମଧ୍ୟରୁ ଏକ ଉଦାହରଣ ଥିଲା । ଚିଟାଗଞ୍ଜରେ ବୈପ୍ଳବିକମାନଙ୍କର ଏକ ଗୋଷ୍ଠୀ ସ୍ଥାନୀୟ ଅସ୍ତ୍ରାଗାରକୁ ଦଖଲ କଲେ ତଥା ଭାରତୀୟ ସାଧାରଣ ତନ୍ତ୍ର ସେନା ନାମରେ ଏକ ସ୍ୱାଧୀନତା ଘୋଷଣାନାମା ଜାରି କରିବା ସହିତ ଅନେକ ଦିନ ଧରି ଗ୍ରାମାଞ୍ଚଳମାନଙ୍କର ପାହାଡିଆ ଅଞ୍ଚଳରେ ବ୍ରିଟିଶମାନଙ୍କ ସହିତ ଏକ ସାହସୀକ ସଂଗ୍ରାମ ଜାରି ରଖିଥିଲେ । ଔପନିବେଶିକ ଶାସନ ଦ୍ୱାରା ଅନେକ ଦମନ ସତ୍ୱେ କେତେକ ସନ୍ତ୍ରାସବାଦୀ ଘଟଣାମାନ ବୃଦ୍ଧି ହୋଇଥିଲା । ପଞ୍ଜାବରେ ଏଚ.ଏସ.ଆର.ଏ. ସମ୍ପୂର୍ଣ୍ଣ ସକ୍ରିୟ ଥିଲା ଯେଉଁଠାରେ କେବଳ ୧୯୩୦ ମଧ୍ୟରେ ୨୬ଟି ଘଟଣା ଘଟିଥିବାର ରିପୋର୍ଟ ମିଳିଥିଲା ।

ସତ୍ୟାଗ୍ରହ ସଂଘର୍ଷ କେବେ ହେଲେ ଏକକ ମାର୍ଗ ମଧ୍ୟରେ ସୀମିତ ହୋଇ ରହି ନଥିଲା । ଏଥିରେ ଅତ୍ୟନ୍ତ ହିଂସାତ୍ମକ ଏବଂ ଉଗ୍ରବାଦୀ କ୍ରାନ୍ତିକାରୀ ଆନ୍ଦୋଳନ ଏବଂ ଋଷରେ କ୍ରାନ୍ତି ଆସିବା ପରେ ଭାରତରେ ଆସିଥିବା ସମାଜବାଦୀ ବିଚାର ଧାରା ମଧ୍ୟ ସାମିଲ ଥିଲା ଏବଂ ଏଥିରେ ସୈନିକ ଆନ୍ଦୋଳନ ମଧ୍ୟ ସାମିଲ ଥିଲା । ଆନ୍ଦୋଳନର ଏପରି ଭିନ୍ନ ଭିନ୍ନ ଧାରାଗୁଡିକ କୌଣସି ପ୍ରକାରରେ ପୃଥକ ନଥିଲା । ଅଧିକାଂଶ କ୍ରାନ୍ତିକାରୀମାନେ ଗାନ୍ଦିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ । ପ୍ରକୃତରେ ଚଟଗାଁ ଶସ୍ତ୍ରାଗାର ଉପରେ ଦଖଲ ଏପରି କୋଳାହଳ ମଧ୍ୟରେ ହୋଇଥିଲା ଯେପରି ଗାନ୍ଧି ରାଜ ଆସିଗଲା । ଚନ୍ଦ୍ର ଶେଖର ଆଜାଦ ଓ ଭଗତ ସିଂଙ୍କର କ୍ରାନ୍ତିକାରୀ ଦଳଗୁଡିକ ସମାଜବାଦକୁ ଗ୍ରହଣ କରି ସାରିଥିଲେ, ଯେମିତିକି ଜବାହାରଲାଲ ନେହେରୁ ଓ ସୁବାସ ଚନ୍ଦ୍ର ବୋଷଙ୍କ ଅଧିନରେ କେତେକ କଂଗ୍ରେସ ଗୋଷ୍ଠୀକୁ ଗ୍ରହଣ କରିଥିଲେ ।

ସମାଜବାଦ ବ୍ୟବସ୍ଥିତ ଜନ ଆନ୍ଦୋଳନ ମାଧ୍ୟମରେ ସାମାଜିକ ସମତା । ସଂଗଠିତ ଜନ ଆନ୍ଦୋଳନ ସାମାଜିକ ସାମ୍ୟତାର ଏକ ସ୍ୱଷ୍ଟ କାର୍ଯ୍ୟସୂଚୀ ମାଧ୍ୟମରେ ସାମ୍ୟବାଦକୁ ସ୍ୱାଧୀନତା ସଂଗ୍ରାମ ସହିତ ଯୋଡି ଦିଆଯାଇଥିଲା ଏବଂ ତାହା ଶ୍ରମିକ ଶ୍ରେଣୀକୁ ଗତିଶୀଳ କରିବାରେ ସହାୟତା ହୋଇଥିଲା । ଭାରତରେ ସାମ୍ୟବାଦ ଆନ୍ଦୋଳନର ସିଦ୍ଧାନ୍ତ ଆରମ୍ଭ କରିବା ପାଇଁ ଏମ.ଏନ.ରାୟ ଭଳି କେତେକ ପ୍ରମୁଖ ବ୍ୟକ୍ତିମାନେ ରୂପରେଖ ପ୍ରସ୍ତୁତ କରିଥିଲେ । ସେ ଭାରତୀୟ ସନ୍ଦର୍ଭରେ ମାର୍କସବାଦ ଓ ଲେନିନଙ୍କ ବିଚାରର ସଠିକ୍ ସମାୟୋଜନରେ ବାଖ୍ୟା





କରିଥିଲେ । ସାତ ଜଣ ଭାରତୀୟମାନେ, ରାୟ ମଧ୍ୟ ସେଥିରେ ସାମିଲ ଥିଲେ, ସେମାନେ ୧୯୨୦ରେ ତାସକେଣ୍ଟଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କଲେ । ଧୀରେ ଧୀରେ ଅନେକ ଭାରତୀୟ ବୁଦ୍ଧିଜିବୀମାନଙ୍କ ମଧ୍ୟରେ ଏବଂ ଏପରିକି କଂଗ୍ରେସର ସଦସ୍ୟମାନଙ୍କ ମଧ୍ୟରେ ସାମ୍ୟବାଦର ସିଦ୍ଧାନ୍ତକୁ ସମର୍ଥନ ମିଳିବାକୁ ଲାଗିଲା । ସୁବାସ ଚନ୍ଦ୍ର ବୋଷ ଏକ ଅଦ୍ୱିତୀୟ ବ୍ୟକ୍ତିତ୍ୱର ଭଣ୍ଡାର ଥିଲେ ଏବଂ ଅନେକ ବିଚାରଧାରାରେ (ସିଦ୍ଧାନ୍ତ) ପ୍ରଭାବିତ ହୋଇଥିଲେ । ସରକାରୀ ପଦକୁ ଛାଡି ଅସହଯୋଗ ଆନ୍ଦୋଳନଠାରୁ କ୍ରାନ୍ତିକାରୀମାନଙ୍କର ଚରମତା ପର୍ଯ୍ୟନ୍ତ ସମାଜବାଦୀ ବିଚାର ଭାବନାକୁ ସମର୍ଥନ ଦେବା ସହିତ ପରିଶେଷରେ ସୈନିକ ଆକ୍ରମଣ କରିବାର ସାହସିକ ପଦକ୍ଷେପକୁ ଚୟନ କରି ସେ ରାଷ୍ଟ୍ରବାଦୀ ଆନ୍ଦୋଳନ ଭାବନାର ପ୍ରତୀକ ହୋଇ ଉଭା ହେଲେ । ବୋଷ ଏହି ସମସ୍ତ ଯୁଦ୍ଧନୀତିଗୁଡିକୁ ଲକ୍ଷ ପ୍ରସ୍ତୁତ କରି ଏହା ପ୍ରମାଣ କରିଦେଲେ ଯେ ରାଷ୍ଟ୍ରବାଦୀ ଆନ୍ଦୋଳନ ମଧ୍ୟରେ ସ୍ୱତନ୍ତ୍ରତା ପ୍ରାପ୍ତିର ବିଭିନ୍ନ ସଂକଳ୍ପନା ଅତିରିକ୍ତ ଆଉ କିଛି ମୌଳିକତା ନଥିଲା ।

## ୨୧.୧୧ ସାମ୍ବିଧାନିକ ସଂସ୍କାର ଏବଂ ବିଧାନ ମଣ୍ଡଳରେ କଂଗ୍ରେସର ଭାଗୀଦାରୀ

ସନ ୧୯୩୫ରେ ଭାରତ ସରକାର ଅଧିନିୟମ ପାରିତ କରାଗଲା । ଯେଉଁଥିରେ ପ୍ରାନ୍ତକୁ ବିଧାନମଣ୍ଡଳ ଚୟନ କରାଯାଇଥିବା ସଦସ୍ୟମାନଙ୍କୁ ଅଧିକ ସ୍ୱତନ୍ତ୍ରତା ଦେଇ ରାଷ୍ଟ୍ରବାଦୀ ଆନ୍ଦୋଳନକୁ କିଛି ଅଧିକାର ପ୍ରଦାନ କରାଗଲା । ଏହି ଅଧିନିୟମ ଦ୍ୱାରା ଭାରତର ଆହୁରି ଅଧିକ ଲୋକମାନଙ୍କୁ ମତଦାନ ଅଧିକାର ପ୍ରଦାନ କରାଗଲା । ୧୯୩୫ର ଅଧିନିୟମ ଲାଗୁ କଲାପରେ ବ୍ରିଟିଶମାନେ ୧୯୩୭ ପ୍ରାରମ୍ଭରେ ପ୍ରାନ୍ତିୟ ବିଧାନମଣ୍ଡଳରେ ନିର୍ବାଚନ କରିବା ଲାଗି ଘୋଷଣା କଲେ । କଂଗ୍ରେସ ମଧ୍ୟରେ ମତାନ୍ତରର ସମାଧାନ ପରେ ସେମାନେ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଲେ ଏବଂ ଏହାର ଅନେକ ଭଲ ପରିଣାମ ଆସିଲା । ୧୧ଟି ପ୍ରାନ୍ତରରୁ ୩ଟି ପ୍ରାନ୍ତରରେ କଂଗ୍ରେସକୁ ସ୍ପଷ୍ଟ ବହୁମତ ପ୍ରାପ୍ତ ହେଲା । ଏହି ସଫଳତାରେ ସ୍ୱତନ୍ତ୍ରତା ଆନ୍ଦୋଳନରେ ଯୋଡି ଥିବା ଛାତ୍ର, କୃଷକ ଏବଂ ଶ୍ରମିକ ବର୍ଗମାନଙ୍କୁ ଅତ୍ୟନ୍ତ ପ୍ରୋତ୍ସାହିତ କଲା । ସେମାନେ ସମସ୍ତେ ନିଜ ନିଜର ଉପସ୍ଥିତି ଜାହିର କଲେ ଏବଂ ଖୁବ୍ ଶୀଘ୍ର ଔପନିବେଶିକ ରାଜ୍ୟମାନଙ୍କର ନିୟନ୍ତ୍ରଣ ବାହାରେ ଥିବା ଦେଶୀୟ ରାଜ୍ୟମାନଙ୍କରେ ଥିବା ଏହି ଶ୍ରେଣୀମାନଙ୍କ ମଧ୍ୟରେ ସେମାନେ ସେମାନଙ୍କର ଗୁରୁତ୍ୱ ଉପଲବ୍ଧି କଲେ ଏବଂ ସେମାନଙ୍କ ମଧ୍ୟରେ ଖୁବ୍ ଶୀଘ୍ର ଏକ ଆନ୍ଦୋଳନ ଦେଖାଗଲା ।

## ୨୧.୧୨ ସ୍ୱତନ୍ତ୍ରତା ଅଭିମୁଖେ

ବିଭିନ୍ନ ପ୍ରଦେଶରେ ଦୁଇବର୍ଷ ପର୍ଯ୍ୟନ୍ତ କଂଗ୍ରେସ ସରକାର ରହିଲା ଏବଂ ସେମାନେ ସାଧାରଣ ଜନମାନସରେ ବିଭିନ୍ନ ଶ୍ରେଣୀର ହିତ ନିମିତ୍ତ ଅନେକ ପଦକ୍ଷେପ ମାନ ଗ୍ରହଣକଲେ । କଂଗେସ ସରକାର ଦ୍ୱାରା ଉତଥାପୀତ କେତେକ ପଦକ୍ଷେପ ମଧ୍ୟରୁ କୃଷକମାନଙ୍କ ନିମିତ୍ତ ଖଜଣା ହ୍ରାସ, ରାଜନୈତିକ ବନ୍ଦୀମାନଙ୍କୁ ଛାଡ ଦେବା ଏବଂ ଖବରକାଗଜ ଉପରୁ ପ୍ରତିବନ୍ଧକ ହଟାଇବା ଇତ୍ୟାଦି କେତେକ ପଦକ୍ଷେପ କଂଗ୍ରେସ ସରକାରଙ୍କ ଦ୍ୱାରା ନିଆ ଯାଇଥିଲା । କିନ୍ତୁ ସର୍ବୋପରି ଏହା ଦର୍ଶାଯାଇଥିଲା ଯେ ଭାରତୀୟମାନେ ନିଜକୁ ଶାସନ କରିବା ପାଇଁ ସକ୍ଷମ ଥିଲେ ।

୧୯୩୯ର ଶେଷ ଭାଗରେ ସମସ୍ତ କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ । ୧୯୩୮ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା ଏବଂ ଭାଇସରାୟ ଏକ ତରଫା ଘୋଷଣା







କରିଦେଲେ ଯେ ଭାରତ, ଏକ ବ୍ରିଟିଶ ଉପନିବେଶ ଭାବରେ ବ୍ରିଟିଶ ସପକ୍ଷରେ ଯୁଦ୍ଧରେ ଏକ ଭାଗିଦାର। ଏହି ଘୋଷଣାର ବିରୋଧ ପୂର୍ବକ କଂଗ୍ରେସ କର୍ତ୍ତୃପକ୍ଷ ସମସ୍ତ କଂଗ୍ରେସ ସରକାରଗୁଡିକୁ ଇସ୍ତଫା ନେବା ପାଇଁ ନିର୍ଦ୍ଦେଶ ଦେଲେ।

କଂଗ୍ରେସ ମନ୍ତ୍ରୀମଣ୍ଡଳ ଗୁଡିକର ଇସ୍ତଫା ପ୍ରଦାନ ସହିତ ଜାତୀୟ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନର ପରିସମାପ୍ତି ଘଟିଲା। ଅସହଯୋଗ ଏବଂ ଆଇନ ଅମାନ୍ୟ ଆନ୍ଦୋଳନ ଫଳରେ ଜାତୀୟ ଆନ୍ଦୋଳନ ଏକ ନୂତନ ପରିସର ଓ ଶ୍ରେଣୀରେ ପ୍ରବେଶ କଲା। ଏହାଦ୍ୱାରା ଲୋକମାନଙ୍କ ମନ ଏବଂ ହୃଦୟରୁ ବ୍ରିଟିଶ ନିୟନ୍ତ୍ରଣର ଅବକ୍ଷୟ ଘଟିଲା। ପ୍ରଭାବଶାଳୀ କଂଗ୍ରେସ ଦ୍ୱାରା ସରକାରଙ୍କୁ ସଠିକ୍ ଢ଼ଙ୍ଗରେ ପରିଚାଳିତ କରିବା ଦ୍ୱାରା ପ୍ରମାଣିତ ହୋଇ ଯାଇଥିଲା ଯେ ଆଗକୁ ବ୍ରିଟିଶ ନିୟନ୍ତ୍ରଣ ଆହୁରି ହ୍ରାସ ପାଇବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ବ୍ରିଟିଶ ପାଇଁ ନୂତନ ସମସ୍ୟାମାନ ଉତ୍ପନ୍ନ କଲା। ଯୁଦ୍ଧର କାରଣ ଯୋଗୁଁ ସୈନିକମାନଙ୍କ ପାଇଁ ଲୁଗା ଏବଂ ଖାଦ୍ୟ ଭଳି ଭିନ୍ନ ଭିନ୍ନ ଉପଭୋକ୍ତା ବସ୍ତୁଗୁଡିକର ନୂତନ ଆବଶ୍ୟକତା ଜନ୍ମ ନେଇଥିଲା। ଏହିସବୁ ସମସ୍ୟାମାନ ବ୍ରିଟିଶ୍ ବିରୁଦ୍ଧରେ ଏକ ସାଧାରଣ ଅସୋନ୍ତଷ ପ୍ରକାଶ ପାଇଲା ଏବଂ ସେମାନଙ୍କର ପୃଷ୍ଠଭୂମି ଆହୁରି ଦୁର୍ବଳ ହୋଇଗଲା । ଉଦାହରଣ ସ୍ୱରୂପ ଯୁଦ୍ଧର ଆବଶ୍ୟକତାର ଏକ ଅଂଶଭାବରେ ଖାଦ୍ୟଭଣ୍ଡାରର ଏକ ବୃହତ୍ତ ଭାଗ ବେଙ୍ଗଲରୁ ନିଆଯାଇଥାନ୍ତା । ବଙ୍ଗଳାର ଦୁର୍ଭିକ୍ଷଥିଲା ଏହାର ଏକ ପରିଣାମ । ଏବଂ ତିନିନିୟୁତରୁ ଉର୍ଦ୍ଧ୍ୱ ଏଥିରେ ଖାଦ୍ୟାଭାବରେ ମୃତ୍ୟୁ ବରଣ କଲେ । ଏପରିଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୃଷ୍ଟି ହୋଇଥିବା ପରିସ୍ଥିତି ।

ଏହାମଧ୍ୟ ଭାରତରେ ବ୍ରିଟିଶ ଶାସନ ପାଇଁ ଅଭୁତପୂର୍ଣ୍ଣ ଅଭାବ ସୃଷ୍ଟି କଲା । ବ୍ରିଟିଶ ଶକ୍ତିର ଜନ ସମର୍ଥନ କ୍ରମଶଃ ହ୍ରାସ ହେବା ପରିସ୍ଥିତିରେ ମହାତ୍ମାଗାନ୍ଧି ବ୍ରିଟିଶ ଶାସନ ବିରୁଦ୍ଧରେ ସମ୍ପୂର୍ଣ୍ଣ ପ୍ରତିରୋଧ ନିମିତ୍ତ ସଙ୍କଳ୍ପ ନେଲେ। ଏପରି ଭାବରେ ଅଗଷ୍ଟ ୧୯୪୨ରେ ପ୍ରସିଦ୍ଧ ଭାରତ ଛାଡ ଆନ୍ଦୋଳନ ଆରମ୍ଭ ହେଲା। ଏହି ଆନ୍ଦୋଳନରେ ବ୍ରିଟିଶ ନିକଟରେ କୌଣସି ଦାବି ଉପସ୍ଥାପନା କରାଯାଇ ନଥିଲା। କେବଳ ସରଳ ଭାବରେ ଭାରତ ଛାଡିବା ପାଇଁ କୁହାଯାଇଥିଲା। ବ୍ରିଟିଶ ଭାରତ ଛାଡ ଡାକରାର ପ୍ରତ୍ୟୁତ୍ତରରେ ତାଙ୍କୁ ଏବଂ କଂଗ୍ରେସ କାର୍ଯ୍ୟକାରୀ ସଦସ୍ୟ ମାନଙ୍କୁ ଗିରଫ କରାଯାଇଥିଲା। କଂଗ୍ରେସ ନେତାମାନଙ୍କର ଗିରଫଦାରି ଖବର ଲୋକମାନଙ୍କୁ ଆହୁରି ଅଧିକ କ୍ରୋଧାନ୍ୱିତ କଲା ଏବଂ ସେମାନେ ଯିଏ ଯେମିତି ପାରିଲେ ରାଜ ରାସ୍ତାକୁ ଓହ୍ଲାଇ ଆସି ବ୍ରିଟିଶ ସରକାରଙ୍କୁ ଆକ୍ରମଣ କଲେ। ସେମାନଙ୍କର ନେତାମାନଙ୍କ ଅନୁପସ୍ଥିତିରେ ଲୋକମାନେ ନିଜେ ନିଜକୁ ନେତା ଭାବି ଆକ୍ରମଣ କଲେ, ଲୁଟପାଟ କଲେ ଏବଂ ସରକାରୀ ସମ୍ପତ୍ତି ଧ୍ୱଂସ କଲେ। ସରକାର ଆନ୍ଦୋଳନକୁ ପାଶବିକ ବ୍ୟବହାର କଲେ ଏବଂ ଅନେକ ଲୋକ ପୋଲିସ ଗୁଳିରେ ପ୍ରାଣ ହରାଇଲେ।

ପରିଶେଷରେ ବ୍ରିଟିଶ ସରକାର ଆନ୍ଦୋଳନକୁ ହତ୍ୟା ତଥା ଗିରଫଦାରୀ ମାଧ୍ୟମରେ ଦମନ କରିବାକୁ ସକ୍ଷମ ହୋଇଥିଲେ। ସରକାରୀ ହିସାବରେ ୧୯୪୩ ମସିହା ଶେଷ ଭାଗରେ ୯୧,୦୦୦ ସଂଖ୍ୟକ ଲୋକ ଗିରଫ ହୋଇଥିଲେ। ଯଦିଚ ଏହି ଆନ୍ଦୋଳନକୁ ଦମନ କରାଯାଇଥିଲା, ତଥାପି ଏହା ପରିଷ୍କାର ହୋଇ ଯାଇଥିଲା ଯେ ସେମାନେ ଭାରତରେ ଆଉ ଅଧିକ ଦିନ ଶାସନ କରିପାରିବେ ନାହିଁ। ବ୍ରିଟିଶମାନେ ନିଜେ ଏହା ହୃଦୟଙ୍ଗମ କରିଥିଲେ।



ଟିପ୍ପଣୀ

ଏପର୍ଯ୍ୟନ୍ତ ସେମାନେ ଉନବିଂଶ ଶତାବ୍ଦିରୁ ପ୍ରସ୍ତୁତ ହୋଇଥିବା ଏକ ସମର୍ଥ ପ୍ରଣାଳୀ ସହାୟତାରେ ଦେଶକୁ ଶାସନ କରି ଆସୁଥିଲେ । ରାଷ୍ଟ୍ରୀୟ ଆନ୍ଦୋଳନର କ୍ରମାନ୍ୱୟ ଆନ୍ଦୋଳନ ଫଳରେ ଏହି ସହାୟକ-ସମର୍ଥନର ଅବକ୍ଷୟ ଘଟିଥିଲା । ବିଭିନ୍ନ ବର୍ଗର ଭାରତୀୟଙ୍କ ସହାୟତା ବିନା (କୃଷକ, ଶ୍ରମିକ, ମଧ୍ୟବିତ ଶ୍ରେଣୀ, ଧନୀ, ପୋଲିସ ସେନା) ବ୍ରିଟିଶ ଭାରତରେ ଶାସନ କରିବା ଅସମ୍ଭବ ଥିଲା । ବର୍ତ୍ତମାନ ବ୍ରିଟିଶ ଏହା ଅନୁଭବ କଲେ ଯେ ସେମାନେ ଭାରତରୁ ପର୍ଯ୍ୟାୟକ୍ରମେ ଶାନ୍ତିପୂର୍ଣ୍ଣ ପ୍ରତ୍ୟାହାର ନିମିତ୍ତ କାର୍ଯ୍ୟ କରିବେ । ୧୯୪୪-୪୭ ପରେ ପରେ ସେମାନେ ସମସ୍ତ କଂଗ୍ରେସ ନେତୃବୃନ୍ଦଙ୍କୁ ଜେଲରୁ ମୁକ୍ତି କଲେ ଏବଂ ବ୍ରିଟିଶଠାରୁ ଭାରତୀୟମାନଙ୍କ ହସ୍ତକୁ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ପାଇଁ ବୁଝାମଣା ଆରମ୍ଭ କଲେ ।

ପରିଶେଷରେ ଭାରତ ଅଗଷ୍ଟ ୧୯୪୭ରେ ସ୍ୱାଧୀନ ଲାଭ କଲା । ଭାରତୀୟଙ୍କ ପାଇଁ ସ୍ୱାଧୀନତା ପ୍ରାପ୍ତି ସର୍ବୋଚ୍ଚ ଆନନ୍ଦର ବିଷୟ ଥିଲା । ଭାରତୀୟ ଜନସାଧାରଣ ସର୍ବ ଶକ୍ତିମାନ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ସେମାନଙ୍କର ଯୁଦ୍ଧ ଜୟ କଲେ । ମାତ୍ର ଏହା ସର୍ବୋତ ଭାବରେ ବିଜୟ ନଥିଲା । ସ୍ୱାଧୀନତା ସହିତ ଭାରତ-ପାକିସ୍ଥାନ ରୂପେ ଦୁଇଟି ଜାତୀୟ ରାଜ୍ୟରେ ଦେଶ ଦୁଇ ଭାଗରେ ବିଭାଜିତ ହୋଇଗଲା । ବ୍ରିଟିଶ ସରକାର ସଦା ସର୍ବଦା ଭାରତୀୟ ଲୋକମାନଙ୍କର ଏକତାକୁ ବାଧା ଦେଉଥିଲେ । ସେମାନେ କେବେ ରାଜି ନଥିଲେ ଯେ ସମଗ୍ର ଭାରତୀୟ ଜନତା ଏକ ସାଧାରଣ ସ୍ୱାର୍ଥରେ ଏକମତ ହୋଇ ରହିବେ । ତେଣୁ ସେମାନେ ଯେତେବେଳେ ଭାରତ ଛାଡିଲେ ସେତେବେଳକୁ ସେମାନେ ଭାରତକୁ ଧାର୍ମିକ ଭିତ୍ତିରେ ଦେଶକୁ ବିଭାଜୀତ କରିଥିଲେ । ଭାରତ ବିଭାଜନ ମଧ୍ୟ ଏକ ବଡ ଧରଣର ସାମ୍ପ୍ରଦାୟିକ ହିଂସାରେ ପରିଣତ ହୋଇଥିଲା ।

୧୯୪୭ ବର୍ଷ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ଥିଲା । ଏହା ଭାରତୀୟ ଲୋକଙ୍କ ପାଇଁ ଏକ ବିଜୟ ଥିଲା ଯେହେତୁ ସେମାନେ ବିଦେଶୀ ଶାସନରୁ ସ୍ୱାଧୀନତା ଲାଭ କରିଥିଲେ । ମାତ୍ର ଏହା ମଧ୍ୟ ଭାରତୀୟ ଲୋକଙ୍କର ଏକତା ପାଇଁ ସବୁଠାରୁ ବଡ ଦୁଃଖଦ ବର୍ଷ ଥିଲା କାରଣ ଦେଶ ଦୁଇଟି ଅଲଗା ଜାତୀୟ ରାଷ୍ଟ୍ରରେ ବିଭାଜିତ ହୋଇ ଯାଇଥିଲା ।

## ପାଠ୍ୟ ପ୍ରଶ୍ନ ୨୧.୫

୧, ଦାଣ୍ଡି ମାର୍ଚ୍ଚ କେଉଁଠାରୁ ଆରମ୍ଭ ହୋଇଥିଲା ?

..........................................................................................

୨, ୧୯୩୭ ନିର୍ବାଚନରେ କେତୋଟି ପ୍ରଦେଶରେ କଂଗ୍ରେସକୁ ସ୍ପଷ୍ଟ ବହୁମତ ମିଳିଥିଲା ?

..........................................................................................

୩. ଭାରତ ଛାଡ ଆନ୍ଦୋଳନରେ କେତେ ଲୋକଙ୍କୁ ଗିରଫଦାର କରାଯାଇଥିଲା ?

..........................................................................................

## ତୁମେ କ'ଣ ଶିଖିଲ

ଏହି ପାଠ୍ୟରେ ନିମ୍ନଲିଖିତ ବିଷୟ ଉଲ୍ଲେଖନୀୟ ଅଟେ ।

- ଭାରତୀୟ ଜାତୀୟ ଆନ୍ଦୋଳନ କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣାର ନାମ ନଥିଲା । ପରନ୍ତୁ ଏହା ରାଜନୈତିକ ଘଟଣାବଳୀର ଏକ ସମ୍ପୂର୍ଣ୍ଣ ଶୃଙ୍ଖଳା ଥିଲା ଯାହାର ବିସ୍ତାର ଅନେକ ଦଶକ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦର ବିରୋଧ ଏବଂ ରାଷ୍ଟ୍ରୀୟ ଏକତା ଏପରି ଦୁଇଟି ବିଷୟ ଥିଲା ଯାହା ସମସ୍ତ ଘଟଣାର ସମାନତା ଥିଲା ଏବଂ ଏହା ପରସ୍ପରକୁ ସଂଯୋଗ କରୁଥିଲା ।
- ରାଷ୍ଟ୍ରୀୟ ଆନ୍ଦୋଳନର ପ୍ରାରମ୍ଭିକ ସ୍ତରରେ ନରମପନ୍ଥି ନେତାମାନଙ୍କ ଦ୍ୱାରା ପ୍ରଭାବ ବିସ୍ତାର ହୋଇଥିଲା । ସେହି ନେତାମାନେ ଔପନିବେଶବାଦୀ ଶାସକମାନଙ୍କ ସମକ୍ଷରେ କ୍ରମାଗତଭାବରେ ଅନେକ ଦାବି ଉପସ୍ଥାପନା କଲେ । ମାତ୍ର ଏହାଠାରୁ ଅଧିକ ମହତ୍ୱପୂର୍ଣ୍ଣ ବିଷୟ ଥିଲା ଯେ ସେମାନେ ଏହି ବିଚାରକୁ ଏପରି ସୃଷ୍ଟି କଲେ ଯେ ବ୍ରିଟିଶ ଶାସନ ଭାରତୀୟ ଅର୍ଥବ୍ୟବସ୍ଥାର ବିକାଶପାଇଁ ଉଦ୍ଦିଷ୍ଟ ନୁହେଁ ପରନ୍ତୁ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାଠାରୁ ପତନ ଆଡକୁ ନେଇଯାଉଅଛି ।
- ନରମପନ୍ଥା ନେତାମାନଙ୍କ ପରେ ବାଳ ଗଙ୍ଗାଧର ତିଳକ, ବିପିନଚନ୍ଦ୍ର ପାଲ ଏବଂ ଲାଲା ଲଜପତ ରାୟଙ୍କ ଭଳି ଚରମପନ୍ଥୀ ନେତାମାନେ ରାଷ୍ଟ୍ରୀୟ ଆନ୍ଦୋଳନର ସାଧାରଣ ଜନତାମାନଙ୍କର ଭାଗିଦାରିକୁ ଜନ୍ମ ଦେଲେ । ନରମପନ୍ଥୀ ନେତାମାନେ ସ୍ୱଦେଶୀ ଆନ୍ଦୋଳନର ନେତୃତ୍ୱ ଦେଲେ । ଏହା ବ୍ରିଟିଶମାନଙ୍କର ବଙ୍ଗଳା ବିଭାଜନ ସିଦ୍ଧାନ୍ତ ବିରୁଦ୍ଧରେ ଆରମ୍ଭ କରାହୋଇଥିଲା ।
- ସ୍ୱଦେଶୀ ଆନ୍ଦୋଳନର ପରିସମାପ୍ତି ରାଷ୍ଟ୍ରୀୟ ଆନ୍ଦୋଳନର ବୈପ୍ଳବିକ କାର୍ଯ୍ୟକଳାମାନ ପ୍ରବେଶ କରିଗଲା । ଖୁଦୀରାମ ବୋଷ ଏବଂ ପ୍ରଫୁଲ୍ଲ ଚାକୀ ଭଳି କ୍ରାନ୍ତିକାରୀ ନେତାମାନେ ବ୍ରିଟିଶ ସରକାରଙ୍କ ସହିତ ହିଂସାତ୍ମକ ଉପାୟରେ ସଂଗ୍ରାମ କରିବାକୁ ଚାହୁଁଥିଲେ । ସେମାନେ ବ୍ୟକ୍ତିଗତ ଭାବରେ ବ୍ରିଟିଶ କାର୍ଯ୍ୟାଳୟ ଗୁଡିକୁ ନିଜର ଲକ୍ଷଭାବେ ମନେ କରୁଥିଲେ ।
- ରାଷ୍ଟ୍ରୀୟ ଆନ୍ଦୋଳନରେ ମହାତ୍ମାଗାନ୍ଧୀଙ୍କର ପ୍ରବେଶ ଭିନ୍ନ ମହତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା, ପ୍ରାରମ୍ଭରେ ମହାତ୍ମାଗାନ୍ଧୀ , ଚମ୍ପାରଚନ ଖେଡା ଏବଂ ଅହମଦାବାଦରେ ସ୍ଥାନୀୟ ସ୍ତରରେ ତାଙ୍କର ରାଜନୈତିକ ଉପାୟ ଅବଲମ୍ବନ କଲେ । ସେ ଖୁବ୍‌ଶୀଘ୍ର ରାଷ୍ଟ୍ରବାଦୀ ସଂଘର୍ଷର ନେତୃତ୍ୱ ନେଲେ ।
- ବ୍ରିଟିଶ ଶାସନ ବିରୁଦ୍ଧରେ ଗାନ୍ଧିଜୀଙ୍କର ସଂଘର୍ଷ ଅହିଂସାତ୍ମକ, ଅସହଯୋଗ ଉପରେ ଆଧାରିତ ଥିଲା । ସେହି ଉପାୟ ମାଧ୍ୟମରେ ସେ ତିନୋଟି ମୁଖ୍ୟ ସଂଘର୍ଷର ନେତୃତ୍ୱ ନେଲେ - ଅସହଯୋଗ ଆନ୍ଦୋଳନ (୧୯୨୦-୨୨) ଆଇନ ଅମାନ୍ୟ ଆନ୍ଦୋଳନ (୧୯୩୦-୩୪) ଏବଂ ଭାରତଛାଡ ଆନ୍ଦୋନ) (୧୯୪୨)
- ଏହାର ପରିଣାମ ଏପରି ହେଲା ଯେ ରାଷ୍ଟ୍ରୀୟ ଆନ୍ଦୋଳନ ଭାରତୀୟ ଜନମାନସରେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥିଲା । ଏହି ଆନ୍ଦୋଳନ କୃଷକ, ଶ୍ରମିକ ଏବଂ ଛାତ୍ରମାନଙ୍କ ଭଳି ବିବିଧ ବର୍ଗ ମଧ୍ୟରେ ପହଞ୍ଚିଗଲା । ଧୀରେ ଧୀରେ ଏହି ରାଷ୍ଟ୍ରୀୟ ଆନ୍ଦୋଳନ ଦେଶର ଅଧିକାଂଶ ଭାଗକୁ ବ୍ୟାପିଗଲା ।

- ଯେମିତି ଯେମିତି ରାଷ୍ଟ୍ରୀୟ ଆନ୍ଦୋଳନର ଲୋକପ୍ରିୟତା ବୃଦ୍ଧି ହେଲା ସେଇଭଳି ବ୍ରିଟିଶ ସରକାରର ଲୋକପ୍ରିୟତା କ୍ଷୟ ହେବାକୁ ଲାଗିଲା । ବ୍ରିଟିଶମାନେ ଅନେକ ଭାରତୀୟମାନଙ୍କ ସହାୟତାରେ ଭାରତ ଉପରେ ଶାସନ କରିଥିଲେ । ସେହି ଭାରତୀୟମାନେ ଭାରତରେ ବ୍ରିଟିଶ ଶାସନର ସମର୍ଥନ ପ୍ରଣାଳୀର ରଚନା କରୁଥିଲେ । ଏହି ସମର୍ଥନ ପ୍ରଣାଳୀକୁ ନଷ୍ଟକରି ଏବଂ ଏହାକୁ ଭଙ୍ଗ କରିବାରୁ ରାଷ୍ଟ୍ରୀୟ ଆନ୍ଦୋଳନ ସଫଳ ହେଲା ।
- ଯେତେବେଳେ ବ୍ରିଟିଶ-ଶାସନ ପ୍ରଣାଳୀ ଭାଙ୍ଗିବା ପାଇଁ ଲାଗିଲା, ସେମାନେ ଅନୁଭବ କଲେଯେ ଏବେ ଭାରତରେ ସେମାନଙ୍କ ପାଇଁ ଶାସନ କରିବା ଅସମ୍ଭବ ହେବ । ଏଥିପାଇଁ ବ୍ରିଟିଶମାନେ ଧୀରେଧୀରେ ଭାରତୀୟମାନଙ୍କ ହସ୍ତରେ ସତ୍ତା ହସ୍ତାନ୍ତର କରିବାକୁ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ନିର୍ଣ୍ଣୟ ନେଲେ ।
- ପରିଶେଷରେ ୧୯୪୭ରେ ବ୍ରିଟିଶ ଭାରତ ଛାଡି ଚାଲିଗଲେ । ୧୫ ଅଗଷ୍ଟ ୧୯୪୭ରେ ଭାରତୀୟ ବିଦେଶୀଶାସନ ଠାରୁ ସ୍ୱତନ୍ତ୍ର ହୋଇଗଲା । ମାତ୍ର ଭାରତ ଛାଡିବା ପୂର୍ବରୁ ବ୍ରିଟିଶମାନେ ଧର୍ମ ଉପରେ ଆଧାରିତ ଭାରତକୁ ବିଭାଜନ କରିବାକୁ ନିର୍ଣ୍ଣୟ ନେଲେ, ଭାରତର ସ୍ୱତନ୍ତ୍ରତା ସହିତ ଭାରତର ବିଭାଜନ ହୋଇଗଲା । ଏହିପରି ସ୍ୱତନ୍ତ୍ରତା ଏବଂ ବିଭାଜନକୁ ଆଧୁନିକ ଭାରତ ଇତିହାସରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଘଟଣା ଭାବରେ ଦେଖିବା ଉଚିତ୍ ।

## ପାଠାନ୍ତ ପ୍ରଶ୍ନ

୧. ପ୍ରାରମ୍ଭିକ କଂଗ୍ରେସର ସିଦ୍ଧାନ୍ତମାନ ଉଲ୍ଲେଖ କର ।
୨. ସ୍ୱଦେଶୀ ଏବଂ ନିଜ ଆନ୍ଦୋଳନ ପ୍ରସାରର ଉତ୍ସ ଖୋଜ ।
୩. ୧୯୪୭-୧୯୧୪ ମଧ୍ୟରେ ଭାରତ ତଥା ବିଦେଶରେ କ୍ରାନ୍ତିକାରୀ ଆନ୍ଦୋଳନର ବିବିଧ ଶକ୍ତିଗୁଡିକ ସଂକ୍ଷେପରେ ଚର୍ଚ୍ଚା କର ।
୪. ସାଇମନ କମିସନ ବର୍ଜନର ଆଲୋଚନା କର ।
୫. ଗାନ୍ଧୀ-ଇରଉଇନ ଆଲୋଚନାର ସର୍ତ୍ତ କ'ଣ ଥିଲା ?
୬. ଦ୍ୱିତୀୟ ଅସହଯୋଗ ଆନ୍ଦୋଳନ କାହିଁକି ଆରମ୍ଭ କରା ହୋଇଥିଲା ?
୭. ୧୯୩୦-୧୯୩୪ ମଧ୍ୟରେ ବାମପନ୍ଥିମାନଙ୍କର ଉଦଭବ ଉଲ୍ଲେଖ କର ।
୮. ୧୯୪୭ ବିଜୟ ତଥା ବିଷାଦର ଏବ ବଡ ବିଷାଦର ବର୍ଷ ଥିଲା - ଟିପ୍ପଣୀ କର ।

## ପାଠଗତ ପ୍ରଶ୍ନର ଉତ୍ତର

**୨୧.୧**

୧. ଡିସେମ୍ବର ୧୮୮୫ ଏ.ଓ. ହ୍ୟୁମ୍
୨. ୧୯୦୫ ଲର୍ଡ କର୍ଜନ
୩. ଯାତ୍ରା
୪. କଲକତାର ମହତ୍ୱ ହ୍ରାସ କରିବାପାଇଁ ।

**୨୧.୨**

୧. ସୋହନ ସିଂହ ଭାକନା ଏବଂ ହର ଦୟାଲ

୨. କାନାଡା ଯାଉଥିବା ଜାହାଜ କାମାଗାଟା ମାରୁ ଯାତ୍ରୀମାନଙ୍କୁ କାନାଡା ସରକାରଙ୍କ ଦ୍ୱାରା ଫେରାଇ ଦିଆଗଲା । ଯେତେବେଳେ ସେମାନେ ୧୯୧୪ରେ କଲିକତାରେ ପହଞ୍ଚିଲେ, ସେହି ଯାତ୍ରୀମାନଙ୍କ ସହିତ ପୋଲିସର ସଂଘର୍ଷ ଘଟି, ୨୨ ଲୋକଙ୍କର ମୃତ୍ୟୁ ଘଟିଥିଲା ।

**୨୦.୩**

୧. ଚମ୍ପାରନ, ଅହମଦାବାଦ, ଖେଡା

୨. ୬ ଏପ୍ରିଲ ୧୯୧୯

୩. ଏହିଦିନ ଜାଲିଓ୍ୱାନାବାଲା ବାଗରେ ଲୋକମାନେ ଏକତ୍ରିତ ହେବା ଫଳରେ ଜେନେରାଲ ଡାୟର ଏବଂ ତାଙ୍କ ଲୋକ ନିରସ୍ତ୍ର ଏବଂ ଅସହାୟ ଲୋକମାନଙ୍କ ଉପରେ ଗୋଳିବର୍ଷ କରିବାକୁ ନିର୍ଦ୍ଦେଶ ଦେଲେ, ଫଳରେ ୩୭୯ ଲୋକ ମୃତ୍ୟୁବରଣ କଲେ ।

**୨୧.୪**

୧. ଖିଲାଫତର ଭୁଲ, ପଞ୍ଜାବର ଭୁଲ ଏବଂ ସ୍ୱରାଜ ।

୨. ୧୯୨୩ ମୋତିଲାଲ ନେହେରୁ ଏବଂ ସି.ଆର.ଦାସ

୩. ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକାନ ଏସୋସିଏସନ

**୨୧.୫**

୧. ସାବରମତି ଆଶ୍ରମ

୨. ପାଞ୍ଚ

୩. ୯୧,୦୦୦ ଲୋକରୁ ଅଧିକ

**ପାଠାନ୍ତ ପ୍ରଶ୍ନର ସଂକେତ**

୧. ଦେଖନ୍ତୁ - ୨୧.୧

୨. ଦେଖନ୍ତୁ - ୨୧.୨

୩. ଦେଖନ୍ତୁ - ୨୧.୩

୪. ଦେଖନ୍ତୁ - ୨୧.୮

୫. ଦେଖନ୍ତୁ - ୨୧.୯, ଅନୁଚ୍ଛେଦ ୪

୬. ଦେଖନ୍ତୁ - ୨୧.୯ ଅନୁଚ୍ଛେଦ ୭,୮, ଏବଂ ୯

୭. ଦେଖନ୍ତୁ - ୨୧.୧୦ ଅନୁଚ୍ଛେଦ ୨ ଏବଂ ୩

୮. ଦେଖନ୍ତୁ - ୨୧.୧୨